THE SUNDAY SECTION OF NITIDIN



ରିଲିଜ ହେଲା 'ରୁଦ୍ର-ଶକ୍ତି'ର ଟ୍ରେଲର୍

ନିତିଦିନ NITIDIN

# ନଜର

୧୬ ପୃଷ୍ଠା


ମନୋରଞ୍ଜନ | ରବିବାର ମ୍ୟାଗାଜିନ୍ | ରବିବାର, ୬ ଜୁଲାଇ ,୨୦୨୫



# ରତନ ବେଦୀରୁ ଯେତିକି ଦୂର...

# ଶ୍ରୀ ରାମକୃଷ୍ଣ ଚରିତାମୃତ(୩)

**ମନୋଜ କୁମାର ମହାପାତ୍ର**



ଅଷ୍ଟାଦଶ ଶତାବ୍ଦୀର ମଧ୍ୟକାଳରେ ବଙ୍ଗଦେଶର ହୁଗୁଳି ଜିଲ୍ଲାର ଦେରେପୁର୍ ନାମକ ଗ୍ରାମରେ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାର ବାସ କରୁଥିଲା। ମାଣିକରାମ ଚଟ୍ଟୋପାଧ୍ୟାୟ ପରିବାରର ମୁଖିଆ ଥିଲେ। ମାଣିକରାମ ଥିଲେ ବଡ଼ ଦୟାଳୁ ଓ ଧର୍ମାତ୍ମା ବ୍ୟକ୍ତି। ନିଜର ପଚାଶ ଏକର ଜମିରେ ଚାଷବାସ କରି ପରିବାର ଚଳାଇବା ସହିତ ଗାଁର ସଙ୍କଟମୟ ଦିନମାନଙ୍କରେ ସେ ଲୋକମାନଙ୍କୁ ଯଥାସାଧ ସହାୟତା ମଧ୍ୟ କରୁଥିଲେ। ୧୭୭୫ ଶତାବ୍ଦୀ ବେଳକୁ ତାଙ୍କର ଏକ ପୁତ୍ର ଜାତ ହୋଇଥିଲା ଯାହାର ନାମ ସେ ରଖିଥିଲେ ଖୁଦିରାମ। ପରେ ତାଙ୍କର ଆଉ ଦୁଇ ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନ ଜନ୍ମଗ୍ରହଣ କରିଥିଲେ। ମାଣିକରାମଙ୍କର ଦେହତ୍ୟାଗ ପରେ ପରିବାରର ସମସ୍ତ ଦାୟିତ୍ୱ ତାଙ୍କ ଜ୍ୟେଷ୍ଠ ପୁତ୍ର ଖୁଦିରାମଙ୍କ କାନ୍ଧରେ ନ୍ୟସ୍ତ କରାଯାଇଥିଲା। ଖୁଦିରାମ ନିଜେ ଜଣେ ଧର୍ମନିଷ୍ଠ ବ୍ୟକ୍ତି ଥିଲେ ଯିଏ ପରିବାରର ପରମ୍ପରା ଅକ୍ଷୁଣ୍ଣ ରଖିବା ପାଇଁ ନିଜକୁ ନିୟୋଜିତ କରିଥିଲେ ଏବଂ ଗୃହସ୍ଥ ଜୀବନର ବିଭିନ୍ନ ଧାର୍ମିକ ଓ ସାମାଜିକ ଅନୁଷ୍ଠାନର କାର୍ଯ୍ୟଗୁଡ଼ିକରେ ସେ ନିପୁଣ ହୋଇଗଲେ। ନିଜର କୁଳଦେବତା ଶ୍ରୀ ରାମଚନ୍ଦ୍ରଙ୍କ ପ୍ରତି ଖୁଦିରାମ ଓ ପତ୍ନୀ ଚନ୍ଦ୍ରାମଣି ଦେବୀଙ୍କର ଅନନ୍ୟ ଭକ୍ତିଭାବ ଥିଲା। ଦାନଶୀଳତା, ସତ୍ୟନିଷ୍ଠତା ଏବଂ ଦୟାଳୁ ମନୋଭାବ ପାଇଁ ସେମାନେ ଗ୍ରାମବାସୀଙ୍କର ପ୍ରେମ, ଆଦର ଓ ଶ୍ରଦ୍ଧାର ପାତ୍ର ହୋଇ ପାରିଥିଲେ।

ସାଲ ୧୮୧୪ରେ ଖୁଦିରାମଙ୍କ ଜୀବନରେ ଏକ ବଡ଼ ଓ ମହତ୍ତ୍ୱପୂର୍ଣ୍ଣ ଘଟଣା ଘଟିଲା। ଗାଁର ଜମିଦାର ନିଜର ମକଦ୍ଦମାରେ ଜଣେ ଆସାମୀ ବିରୁଦ୍ଧରେ ମିଛ ସାକ୍ଷୀ ଦେବା ପାଇଁ ଖୁଦିରାମଙ୍କୁ ଡାକିଥିଲେ। କିନ୍ତୁ ଖୁଦିରାମ ନିଜର ସତ୍ୟନିଷ୍ଠତା ଯୋଗୁ ଅଟଳ ଥିଲେ। ସତ୍ୟ ଓ ନ୍ୟାୟରୁ ଏକ ଇଞ୍ଚ ହଲିବା ପରିବର୍ତ୍ତେ ନିଜର ସର୍ବସ୍ୱକୁ ହରେଇବାକୁ ଅଧିକ ଶ୍ରେୟ ମଣିଥିଲେ। ଜମିଦାରଙ୍କୁ ପ୍ରାର୍ଥନାପୂର୍ବକ ସେ ସିଧା ଉତ୍ତର ଦେଇ ମିଥ୍ୟା ସାକ୍ଷୀ ଦେବାକୁ ମନା କରିଦେଇଥିଲେ। ଏହାର ଫଳସ୍ୱରୂପଃ ତାଙ୍କୁ ଭୀଷଣ ଉତ୍ପୀଡ଼ନର ସାମ୍ନା କରିବାକୁ ପଡ଼ିଥିଲା ଏବଂ ନିଜର ମଙ୍ଗଳ ପାଇଁ ସେ ପୈତୃକ ଗୃହକୁ ତ୍ୟାଗ କରିଥିଲେ। ଅର୍ଥହୀନ ଓ ଆଶ୍ରୟହୀନ ଖୁଦିରାମ ଦେରେପୁର୍ ଗ୍ରାମରୁ ବିଦାୟ ନେଇ ପଡ଼ୋଶୀ ଗାଁ କାମାରପୁକୁରରେ ଯାଇ ଆଶ୍ରୟ ଗ୍ରହଣ କଲେ। ନିଜର ଜଣେ ମିତ୍ରଙ୍କର ଉଦାର ମନୋଭାବ ଯୋଗୁ ତାଙ୍କୁ ଅଧ-ଏକର ଜମିକୁ ଚାଷ କରିବା ନିମନ୍ତେ ମିଳିଗଲା ଯେଉଁଥି ପାଇଁ ପରିବାରର ସର୍ବନିମ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଖୁଦିରାମ ସମର୍ଥ ହୋଇଥିଲେ।

ହୁଗୁଳି ଜିଲ୍ଲାର ପଶ୍ଚିମ କୋଣରେ ଅବସ୍ଥିତ କାମାରପୁକୁରରୁ ପୁରୀକୁ ଯିବା ପାଇଁ ବାଟ ଥିଲା। ପ୍ରଥମେ ଏହି ଗ୍ରାମ ବହୁତ ସମୃଦ୍ଧ ତଥା ନିଜର ବିଭିନ୍ନ କଳା ଓ ଶିଳ୍ପ ପାଇଁ ବିଖ୍ୟାତ ଥିଲା। ବର୍ତ୍ତମାନ ମଧ୍ୟ ବୃହତ ଅଟ୍ଟାଳିକାମାନ ଓ ପ୍ରାଚୀନ ସୌଧ ଏହାର ମୂକସାକ୍ଷୀ ହୋଇ ରହିଛି। ଅଦ୍ୟାବଧି ଯେକେହି ଦେଖିଲେ ଏହା ସହଜରେ ଅନୁମାନ କରିପାରିବେ। ଗ୍ରାମର ଶାନ୍ତ ଓ ସୁଖମୟ ବାତାବରଣ ସହିତ ଖୁଦିରାମ ନୂଆ କରି ଜୀବନ ଆରମ୍ଭ କରିଥିଲେ ଏବଂ ପାଖ ପଡ଼ୋଶୀଙ୍କର ଅତିପ୍ରିୟ ଶ୍ରଦ୍ଧାଭାଜନ ହୋଇ ପାରିଥିଲେ। ଦିନେ ଖୁଦିରାମ ପାଖ ଗାଁରୁ ଫେରୁଥିଲେ, ଏକ ଧାନ ବିଲରେ ଅପ୍ରତ୍ୟାଶିତ ରୂପରେ ନିଜର କୁଳଦେବତା ଶ୍ରୀ ରାମଚନ୍ଦ୍ରଙ୍କ ପ୍ରତୀକ ରଘୁବୀର ଶାଳଗ୍ରାମ ଶିଳା ସେ ପ୍ରାପ୍ତ କଲେ ଏବଂ ତାଙ୍କୁ ଘରକୁ ଆଣି ନିଜର ଇଷ୍ଟଦେବତା ରୂପରେ ରଖି ପୂଜା କରିଲେ। ନିଜର ଆଦର୍ଶମୟ ଜୀବନ, ଅନନ୍ୟ ଭଗବତ୍‌ପ୍ରେମ ଏବଂ ସହାୟତା ପାଇଁ ଗୃହକୁ ଆସୁଥିବା ଲୋକମାନଙ୍କ ପ୍ରତି ଅତିଶୟ ଉଦାରତା ମନୋଭାବ ଦ୍ୱାରା ଖୁଦିରାମ ଓ ଚନ୍ଦ୍ରାଦେବୀ ଗ୍ରାମବାସୀଙ୍କ ଉପରେ ଅସୀମ ପ୍ରଭାବ ପକାଉଥିଲେ। ଏହିସବୁ ଘଟଣାଗୁଡ଼ିକ ସହିତ ଖୁଦିରାମଙ୍କ ଦିନଗୁଡ଼ିକ ହସଖୁସିରେ ବିତୁଥିଲା। ଅବଶ୍ୟ ଖୁଦିରାମଙ୍କ ପାଖରେ ଚଳିବା ପାଇଁ ପର୍ଯ୍ୟାପ୍ତ ଧନ ନଥିଲା, ତଥାପି ଦାରିଦ୍ର୍ୟ ତାଙ୍କର ଅଭାବଗ୍ରସ୍ତ ତପ୍ତ ହୃଦୟକୁ କେବେ ଦୁଃଖିତ ଓ କ୍ଷୋଭିତ କରୁନଥିଲା ବରଂ ସେ ନିରନ୍ତର ଶାନ୍ତ ଓ ପ୍ରଫୁଲ୍ଲ ରହୁଥିଲେ। ସତ୍ୟବାଦୀ ଖୁଦିରାମ ଅତ୍ୟନ୍ତ ନିର୍ଭୀକ ଓ ପରୋପକାରୀ ଥିବାରୁ ଜୀବନଯାକ ଅନେକ ଆହ୍ୱାନର ସମ୍ମୁଖୀନ ହେଉଥିଲେ ସତ କିନ୍ତୁ ସତ୍ୟମାର୍ଗରୁ କେବେ ବିଚ୍ୟୁତ ହେଇନଥିଲେ। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯

# ଶରଧା ବାଲି

**ପୁଷ୍ପମିତ୍ର ମହାପାତ୍ର**

'ହାତରେ ମୋ ମୁଠା ମୁଠା ଶରଧା ବାଲି ଠାକୁରେ ଶରଧା ବାଲି ନରେନ୍ଦ୍ରର ଜଳେ ପଡ଼େ ମଥାରୁ ଝରି'। ଭିକାରୀ ବଳଙ୍କ ଏହ ଭାବତଲ୍ଲୀନ ହୃଦୟସ୍ପର୍ଶୀ ଭଜନଟି ପବିତ୍ର ବିଷ୍ଣୁପଦ ରଜ ପବିତ୍ର ରେଣୁର ମହାତ୍ମ୍ୟ ସମ୍ପର୍କରେ ସୂଚୀତ କରେ। ଶ୍ରୀକ୍ଷେତ୍ରରେ ଅବସ୍ଥିତ ଗୁଣ୍ଡିଚା ମନ୍ଦିର ପାଦ ଦେଶରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳର ନାମ ଶରଧା ବାଲି। କୋଟି ଭକ୍ତଜନଙ୍କ ଅସୀମ ଶ୍ରଦ୍ଧା ରହିଥାଏ। ଏହି ଶରଧା ବାଲିଟିକକ ଆମ ଓଡ଼ିଆ ଆଧ୍ୟାତ୍ମିକ ଭାବଧାରାରେ ଏପରି ତଲ୍ଲୀନ ହୋଇଛି ଯେ ଏହାକୁ ଭକ୍ତ ମୁଣ୍ଡରେ ଲଗାଏ, ତୁଣ୍ଡରେ ମାରେ, ଦେହରେ ବୋଳି ହୁଏ ଆଉ ଅତି ସରାଗରେ କାନିରେ ବାନ୍ଧି ଆଣିଥାଏ। ସାଲବେଗ ଯଥାର୍ଥରେ ଲେଖିଛନ୍ତି - 'ବଡ଼ ଦାଣ୍ଡ ଦେଖି ହେଲି ତୋଷ, ରେଣୁ ମାତ୍ର ଡେଣୁ କଲି ଗ୍ରାସ'। ବାସ୍ତବରେ କହିବା ପାଇଁ ଗଲେ ଶ୍ରଦ୍ଧା ହେଉଛି ଭଗବତ ଚେତନ ସଦୃଶର ସଦଗୁଣ। ଜିତେନ୍ଦ୍ରିୟ ଓ ସାଧନା ପରାୟଣ ଶ୍ରଦ୍ଧାବାନ ମନୁଷ୍ୟ ଜ୍ଞାନଲାଭ କରେ ଓ ଜ୍ଞାନଲାଭ କରି ସେ ତତ୍କାଳ ପରମ ଶାନ୍ତି ପ୍ରାପ୍ତ ହୋଇଥାଏ।

ବଡ଼ଶଙ୍ଖ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଏକଦା ବାଲୁକାପୂର୍ଣ୍ଣ ଅଞ୍ଚଳ ଥିଲା। ଲୋକକଥା ଅନୁସାରେ ଦିନେ ଏହି ସ୍ଥାନରେ ଶଙ୍ଖୁଆ ନଦୀର ଏକ ଧାର ମାଳିନୀ ନଈ ବଡ଼ଶଙ୍ଖ ଓ ଗୁଣ୍ଡିଚା ମନ୍ଦିରକୁ ଅଲଗା କରୁଥିଲା। ଗୁଣ୍ଡିଚା ମନ୍ଦିରକୁ ଜନକପୁର ବୋଲି କୁହାଯାଏ। ରାଜା ଇନ୍ଦ୍ରଦ୍ୟୁମ୍ନ ଏଠାରେ ଅଶ୍ୱମେଧ ଯଜ୍ଞକରି ଶ୍ରୀଜୀଉଙ୍କୁ ପାଇଥିଲେ ବୋଲି ଏହି ବେଦୀର ନାମ ଯଜ୍ଞବେଦୀ ଯାହାର ଅନ୍ୟ ନାମ ହେଉଛି ଅର୍ନ୍ତବେଦୀ। ସତ୍ୱଲିପିର ତଥ୍ୟ ଅନୁଯାୟୀ ବର୍ଷକେ ଥରେ ଘୋଷଯାତ୍ରା ବେଳେ ଶରଧା ବାଲିକୁ ଅତିକ୍ରମ କରି ଚତୁର୍ଦ୍ଧାମୂର୍ତ୍ତି ରଥରେ ବସି ଏହି ବେଦୀରେ ସାତଦିନ ଅବସ୍ଥାନ କରି ବାହୁଡ଼ା ଯାତ୍ରାବେଳେ ପୁନର୍ବାର ଶରଧା ବାଲିକୁ ପାର ହୋଇ ଶ୍ରୀମନ୍ଦିରକୁ ଫେରି ଆସନ୍ତି। ଏହି ନଅ ଦିନ ଭିତରେ ଦିନଟିଏ ପାଇଁ ମଧ୍ୟ ହେଲେ ଶରଧା ବାଲିରେ ପାଦ ପଡ଼ିଗଲେ ଭକ୍ତଜନଙ୍କ ପ୍ରାଣ ଉଦବେଳିତ ହୋଇଥାଏ।



ମାଦଳା ପାଞ୍ଜିରେ ଯାହା ଉଲ୍ଲେଖ ରହିଛି ରାଜା ତଥା କବି ପ୍ରଥମ ଭାନୁଦେବ (ପ୍ରଥମ ନରସିଂହ ଦେବ ୧୨୫୭-୧୨୭୪) ମାଧବାଚାର୍ଯ୍ୟଙ୍କ ପରାମର୍ଶରେ ବଡ଼ଗଣ୍ଡିକୁ ପୋତାଇ ବଡ଼ଦାଣ୍ଡ ନିର୍ମାଣ କରିଥିଲେ। ସେ ରଥ ଯାତ୍ରା ପାଇଁ ଛଅଗୋଟି ରଥ ଓ ଦୁଇ କିସମର ନିର୍ମାଣ ହେଉଥିବା ଓ ତିନିଗୋଟି ରଥ ଥିଲା ଚାରିଚକ ବିଶିଷ୍ଟ ଯାହାକି ମନ୍ଦିର ଠାରୁ ମାଳିନୀ ନଦୀ ପର୍ଯ୍ୟନ୍ତ ଯାଉଥିଲା। ମାଦଳା ପାଞ୍ଜିରେ ଏ ପ୍ରସଙ୍ଗରେ ଉଲ୍ଲେଖ ରହିଛି - 'ଏହାନ୍ତେ ବୀର ନରସିଂହ ଦେବରାଜ ରାଇଜ କଲେ ଏ ରାଜା ବାଙ୍କୀ ମୁହାଣ ପୋତାଇଲେ ଛଅ ରଥ ହେଉଥିଲା ନଈ ପୋତି ଆଉ ତିନି ରଥ କଲେ।' ଯାହାଦ୍ୱାରା ଶ୍ରୀମନ୍ଦିର ଓ ଗୁଣ୍ଡିଚାକୁ ପ୍ରତ୍ୟକ୍ଷ ଭାବେ ଲୀଳାକ୍ଷେତ୍ର ରୂପେ ଗମନାଗମନର ବ୍ୟବସ୍ଥା ହୋଇପାରିଲା। ଶରଧା ବାଲିରେ ଗୁଣ୍ଡିଚା ମନ୍ଦିରକୁ ଶ୍ରୀଜୀଉଙ୍କ ଯାତ୍ରାବେଳେ ଗୋଟି ପହଣ୍ଡି ଓ ବାହୁଡ଼ା ଯାତ୍ରାରେ ଧାଡ଼ି ପହଣ୍ଡିରେ ନାକଚଣା ଦ୍ୱାର ଦେଇ ଆସିଥାନ୍ତି। ତେବେ ସତ୍ୱଲିପିର ଅନ୍ୟଏକ ତଥ୍ୟ ଅନୁଯାୟୀ ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରଦ୍ଧାର ସହ ଆରମ୍ଭ କରିଥିଲେ ନୃସିଂହ ଉପାସନା। ଅଶେଷ ଶ୍ରଦ୍ଧାର ସହ ବାଲୁକା ରାଶି ଉପରେ ବସି ଧ୍ୟାନସ୍ଥ ହୋଇ ତାଙ୍କର ଇପସିତ୍ ଫଳ ପ୍ରାପ୍ତ ହୋଇଥିବାରୁ ସେହି ଦିନଠାରୁ ଏହି ବାଲିର ନାମ ହେଉଛି ଶରଧା ବାଲି। ଶରଧା ବାଲି ଭିତରେ ରହିଛି ଅନେକ ସ୍ମୃତିର ଚମକ। ସେ ବାଲି କେବଳ ସାଧାରଣ ବାଲି ନୁହେଁ ଭକ୍ତର ମୁକ୍ତି ପାଇଁ, କୈବଲ୍ୟ କଣିକା ନୁହେଁ ସମସ୍ତ ମାନବିକ ସମସ୍ୟାର ବ୍ୟାଧି ପାଇଁ ଏକ ମହୋଷଧି ସଦୃଶ ଆଉ ଏକଦା ସୂତ୍ରରେ ବିଶ୍ୱ ପରିବାର ଗଠନ ପାଇଁ ତାର ମର୍ମସ୍ପର୍ଶ ବାଣୀ ଅବିସ୍ମରଣୀୟ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୬୮୯,

ପ୍ରଚ୍ଛଦ

# ରତନ ବେଦୀରୁ ଯେତିକି ଦୂର...

■ ଦିଲ୍ଲୀପ ଶତପଥୀ


**କଳିଙ୍ଗ ସ୍ଥାପତ୍ୟ କଳାରେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ପୁରୀ ଧାମ ବିଶ୍ୱର ପୂର୍ବ-ଦକ୍ଷିଣ (ଅଗ୍ନିକୋଣ)ରେ ଭାରତ, ଭାରତର ଅଗ୍ନିକୋଣରେ ଓଡ଼ିଶା, ଓଡ଼ିଶାର ଅଗ୍ନିକୋଣରେ ଅବସ୍ଥିତ ପୁରୀ, ପୁରୀର ଅଗ୍ନିକୋଣରେ ଶ୍ରୀବସ୍ତଖଣ୍ଡଶାଳ ରୀତିରେ ନିର୍ମିତ ବଡ଼ଦେଉଳ ଅବସ୍ଥିତ। ବଡ଼ଦେଉଳର ଅଗ୍ନିକୋଣରେ ରୋଷଶାଳା, ଯେଉଁଠାରେ ମନ୍ଦିର ନିର୍ମାଣ କାଳରୁ ଅଗ୍ନି ପ୍ରଜ୍ୱଳିତ ହୋଇଥାଏ।**

ଶ୍ରୀମନ୍ଦିର ଭିତରକୁ ଯିବା ପାଇଁ ମେଘନାଦ ପାଚେରୀରେ ଚାରିଦିଗରେ ଚାରିଗୋଟି ଦ୍ୱାର ଅଛି ଓ ତନ୍ମଧ୍ୟରୁ ପୂର୍ବ ଦିଗର ଦ୍ୱାରଟି ମୁଖ୍ୟ, ଏହାକୁ ସିଂହଦ୍ୱାର କୁହାଯାଏ। ଏହାକୁ ଧର୍ମଦ୍ୱାର ବୋଲି ମଧ୍ୟ କୁହାଯାଏ। ହନୁମାନ ଏହାର ଦ୍ୱାରପାଳ ଅଟନ୍ତି। ମାଦଳା ପାଞ୍ଜି ଅନୁଯାୟୀ ରାଜା ମତଭାନୁ କପିଳେନ୍ଦ୍ର ଦେବଙ୍କ ୧୫ଅଙ୍କରେ ଏହି ସିଂହଦ୍ୱାର, ମେଘନାଦ ପାଚେରୀ, ବାହାର ବେଢ଼ା, ଦୁଇ ପାର୍ଶ୍ୱରେ ଦୁଇଟି ବୃହତ ସିଂହ ମୂର୍ତ୍ତି ସ୍ଥାପନା କରାଇଛନ୍ତି । ଗୋଲାକାର ସ୍ତମ୍ଭ ସଂଲଗ୍ନିତ ଜୟ ବିଜୟ ମୂର୍ତ୍ତି ଓ ମୂର୍ତ୍ତି ଦୁଇଟି ପଛରେ ମୁଗୁନି ପ୍ରସ୍ତରର ଅନ୍ୟ ଦୁଇଟି ଜୟ ବିଜୟ ବିଗ୍ରହ ସିଂହଦ୍ୱାର (ମୁଖ୍ୟଦ୍ୱାର)ରେ ଲାଗି ରହିଛି, ଯାହାର ଉଚ୍ଚତା ଅଢେଇ ଫୁଟ ଓ ଚତୁର୍ଭୁଜ ବିଶିଷ୍ଟ ଅଟନ୍ତି। ଅନ୍ୟଦ୍ୱାର ଗୁଡ଼ିକ ହେଲା ବ୍ୟାଘ୍ର ଦ୍ୱାର ବା କାମ ଦ୍ୱାର (ପଶ୍ଚିମ ଦିଗର ଦ୍ୱାର), ହସ୍ତୀ ଦ୍ୱାର ବା ମୋକ୍ଷ ଦ୍ୱାର(ଉତ୍ତର ଦିଗର ଦ୍ୱାର) ଓ ଅଶ୍ୱଦ୍ୱାର ବା ଅର୍ଥ ଦ୍ୱାର(ଦକ୍ଷିଣ ଦିଗର ଦ୍ୱାର)। ମୁଖ୍ୟ ମନ୍ଦିର ସାମନାରେ ଜଗମୋହନ ଓ ମଝିରେ ପବିତ୍ର କଳାଘାଟ ଦ୍ୱାର। ନାଟମନ୍ଦିରରୁ ଜଗମୋହନକୁ ଯିବା ବାଟରେ ଥିବା ଦ୍ୱାର ହେଲା 'ଜୟ-ବିଜୟ' ଦ୍ୱାର। ଏହା ବ୍ୟତୀତ ବେହରଣ ଦ୍ୱାର, ସାତପାହାଚ ଦ୍ୱାର, ଧୁକୁଡି ଦ୍ୱାର, ପଣ୍ଡା ଦ୍ୱାର, ମୁଦୁଲି ଦ୍ୱାର ଓ ଘଣ୍ଟାଦ୍ୱାର ଆଦି ଅଛି।

ସିଂହଦ୍ୱାରଠାରୁ କୁର୍ମ ବେଢ଼ା ଆରମ୍ଭ ପର୍ଯ୍ୟନ୍ତ ପାହାଚ ଶ୍ରେଣୀକୁ ବାଇଶି ପାହାଚ କୁହାଯାଏ। ବାଇଶି ପାହାଚ ପରେ ଭିତର ସିଂହଦ୍ୱାର ଦେଇ ଭିତର ବେଢ଼ାକୁ ଯିବାକୁ ହୁଏ।

ବଉଳମାଳା ମାଙ୍କଡ଼ା ପଥରରେ ତିଆରି ବାଇଶି ପାହାଚର ନିର୍ମାଣ ସମ୍ପର୍କରେ ଏକ କିମ୍ବଦନ୍ତି ପ୍ରଚଳିତ। କିମ୍ବଦନ୍ତୀ ମତେ ନିଃସନ୍ତାନ ରାଜା ଭାନୁଦେବ ଜମ୍ବେଶ୍ୱରଙ୍କୁ ଆରାଧନା କରି ପୁତ୍ର ସନ୍ତାନଟିଏ ଲାଭକଲେ। ଜାତକରୁ ରାଜା ଜାଣିଲେ ତାଙ୍କ ପୁତ୍ରର ଆୟୁଷ କେବଳ ୨୨ବର୍ଷ। ଏହା ଜାଣିପାରି ରାଜା ଭାନୁଦେବ ପୁନଶ୍ଚ ଜମ୍ବେଶ୍ୱରଙ୍କୁ ଆରାଧନା କଲେ। ଜମ୍ବେଶ୍ୱର ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀମନ୍ଦିର ଭିତରେ ବାଇଶି ପାହାଚ ନିର୍ମାଣ କରିବାକୁ ଆଜ୍ଞା ଦେଲେ। ରାଜା ବାଇଶି ପାହାଚ ନିର୍ମାଣ କରି ତାଙ୍କ ସନ୍ତାନର ଆୟୁ ବୃଦ୍ଧି ପାଇଁ ସେହି ବାଇଶି ପାହାଚରେ ଗଡ଼ି ଦେଇଥିଲେ। ଶ୍ରଦ୍ଧାଳୁମାନେ ସେଥିପାଇଁ ନିଜ ନିଜ ପିଲାମାନଙ୍କର ଆୟୁଷ ବୃଦ୍ଧି ନିମନ୍ତେ ବାଇଶି ପାହାଚରେ ଗଡ଼ାଇ ଦେଇଥାନ୍ତି।

## ସିଂହଦ୍ୱାରରୁ ରତ୍ନ ସିଂହାସନ



ବାଇଶି ପାହାଚରେ କେବଳ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ ତାହା ନୁହେଁ ବହୁତ ତାତ୍ତ୍ୱିକ ଓ ଧାର୍ମିକ ତଥ୍ୟ ମଧ୍ୟ ରହିଛି। ତା ମଧ୍ୟରୁ କିଛି ଜଣା ଅଜଣା ତଥ୍ୟ ଗୁରୁତ୍ୱପୂର୍ଣ୍ଣ। ଭକ୍ତମାନେ ବର୍ଷତମାମ ବାଇଶି ପାହାଚ ବାଟଦେଇ ଶ୍ରୀଜୀଉମାନଙ୍କୁ ଦର୍ଶନ କରିବାକୁ ଯାଉଥିବା ବେଳେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଶ୍ରୀଜୀଉମାନେ ଶ୍ରୀମନ୍ଦିରର ରତ୍ନସିଂହାସନ ଛାଡ଼ି ବାଇଶି ପାହାଚ ବାଟ ଦେଇ ବଡ଼ଦାଣ୍ଡରେ ଥିବା ରଥକୁ ଆସିଥାନ୍ତି।

ଜଗନ୍ନାଥଙ୍କ ଦର୍ଶନ କରିବାକୁ ହେଲେ ବାଇଶି ପାହାଚ ଅତିକ୍ରମ କରି ଯିବାକୁ ପଡ଼ିଥାଏ। ତେଣୁ ଏହି ବାଇଶି ପାହାଚ ହେଉଛି ତତ୍ତ୍ୱମୟ ଓ ପବିତ୍ରମୟ। ବିଶ୍ୱାସ ଅଛି ଯେ, ପ୍ରତ୍ୟେକ ମଣିଷ ୨୨ ପ୍ରକାର ପାପରୁ ମୋକ୍ଷ ନିମନ୍ତେ ୨୨ ପାହାଚ ଅତିକ୍ରମ କରିବା ଆବଶ୍ୟକ । ୨୨ ପାହାଚ ଯୋଗ ବିଦ୍ୟା ବର୍ଣ୍ଣିତ ୨୨ଟି ସ୍ତରର ପ୍ରତୀକ। ବାଇଶି ପାହାଚରେ ଦ୍ୱିତୀୟ ସୋପାନରେ ରହିଛି ଯମଶିଳା। ଶ୍ରଦ୍ଧାଳୁମାନେ ଏହି ଶିଳାକୁ ସ୍ପର୍ଶ କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଅକାଳ ମୃତ୍ୟୁ ହୁଏ ନାହିଁ ଓ ସମସ୍ତ ପାପ ନାଶ ହୋଇ ଜୀବ ବୈକୁଣ୍ଠଗାମୀ ହୁଏ ବୋଲି ବିଶ୍ୱାସ ରହିଛି ।

ବାଇଶି ପାହାଚର ତାତ୍ତ୍ୱିକ ମାହାତ୍ମ୍ୟ ଉପରେ ଅନେକ ବିଶ୍ୱାସ ପ୍ରଚଳିତ, ଯଥା; କେତେକଙ୍କ ମତରେ ଦଶ ଅବତାର ଗୁଡ଼ିକର ଗୋଡ଼ ସଂଖ୍ୟା ମିଶି ବାଇଶି ହୋଇଥିବାରୁ ସେହି ଅନୁସାରେ ବାଇଶି ପାହାଚ ହୋଇଛି।

-ଦ୍ୱିତୀୟତଃ ପରଂବ୍ରହ୍ମ ହିରଣ୍ୟ ଗର୍ଭରେ ପଦ୍ମାସନରେ ଥାଆନ୍ତି । ଏହି ରତ୍ନବେଦୀ ନିକଟକୁ ଯିବାକୁ ହେଲେ ଅଷ୍ଟ ବୈକୁଣ୍ଠ ଓ ଚଉଦ ଭୁବନ ଦେଇ ଯିବାକୁ ହୁଏ। ଅଷ୍ଟ ବୈକୁଣ୍ଠ ଯଥା- ଶ୍ରୀବୈକୁଣ୍ଠ, କୌବଲ୍ୟ ବୈକୁଣ୍ଠ, କାରଣାର୍ଣ୍ଣବ ବୈକୁଣ୍ଠ, ଶେଷଶାୟୀ ବୈକୁଣ୍ଠ, ଶ୍ୱେତଦୀପ ବୈକୁଣ୍ଠ, ପରବେଶ୍ୟାମ ବୈକୁଣ୍ଠ, ଗର୍ଭୋଦକଶାୟୀ ବୈକୁଣ୍ଠ ଓ କୈଳାସ ବୈକୁଣ୍ଠ । ଏହି ଅଷ୍ଟ ବୈକୁଣ୍ଠ ନିମ୍ନରେ ଚଉଦ ଭୁବନ ବିଦ୍ୟମାନ। ଚଉଦ ଭୁବନ ମଧରେ ସପ୍ତ ଭୁବନ ମର୍ତ୍ତ୍ୟରେ ଓ ସପ୍ତଭୁବନ ପାତାଳରେ ଭୁର୍ମା, ଭୁବ, ସ୍ୱା, ମହ, ଜନ, ତପ ଓ ସତ୍ୟ ଏବଂ ସପ୍ତ ପାତାଳ ହେଉଛି ଅତଳ, ସ୍ୱତଳ, ବିତଳ, ତଳାତଳ, ମହୀତଳ, ରସାତଳ ଓ ପାତାଳ। ତେଣୁ ଅଷ୍ଟ ବୈକୁଣ୍ଠ ଓ ଚଉଦ ଭୁବନ (ସପ୍ତ ମର୍ତ୍ତ୍ୟ ଓ ସପ୍ତ ପାତାଳ) ମିଶି ବାଇଶି ଯାହାକି ବାଇଶି ପାହାଚର ପ୍ରତୀକ ରୂପେ ସୂଚିତ ହୋଇଛି।

-ଭାଗବତ ହେଉଛି ଜଗନାଥଙ୍କ ହୃଦୟର ଭାଷା ସ୍ୱରୂପ। ଏହା ଦ୍ୱାଦଶ (୧୨) ଖଣ୍ଡ ସହିତ ବାସୁଦେବ, ନୃସିଂହ, ରାମକୃଷ୍ଣ, ନାରାୟଣ, ଗୋବିନ୍ଦ, ମାଧବ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ, କମଳା ଓ ଭୁବନେଶ୍ୱରୀ। ବାରଖଣ୍ଡ ଭାଗବତ ଓ ଦଶ ଦେବାଦେବୀ ମିଶି ବାଇଶି ସଂଖ୍ୟା ହେଉଛି ବାଇଶି ପାହାଚର ପ୍ରତିଫଳନ।

-ପଞ୍ଚମାତ୍ରା, ପଞ୍ଚଭୂତ, ପଞ୍ଚବୀଜ, ପଞ୍ଚଦେବଙ୍କ ସହିତ ଜୀବ ଓ ପରମ ଦୁଇ ମିଶି ବାଇଶି, ଏହାର ପ୍ରତୀକାତ୍ମକ ହେଉଛି ବାଇଶି ପାହାଚ।

-ଅନ୍ୟ କେତେକଙ୍କ ମତରେ ବାଇଶିଟି ତୀର୍ଥ ଭୂମିର ସ୍ୱରୂପ ବାଇଶି ତତ୍ତ୍ୱର ପ୍ରତୀକ ଓ ବାଇଶିଟି ଭାବର ପ୍ରତୀକ ହେଉଛି ବାଇଶି ପାହାଚ।

-ପଞ୍ଚରସ, ଅଷ୍ଟାତାତ୍ତ୍ୱିକ ଭାବ, ତ୍ରିବୀଜ, ତ୍ରିଶକ୍ତି, ତ୍ରିଗୁଣର ସମାହାର ହେଉଛି ବାଇଶି। ଯାହାକି ବାଇଶି ପାହାଚରେ ପ୍ରତିଫଳିତ ରୂପେ କେତେକ କହନ୍ତି। ତେଣୁ ବାଇଶି ପାହାଚ ହେଉଛି ଅତ୍ୟନ୍ତ ତତ୍ତ୍ୱପୂର୍ଣ୍ଣ ଓ ରହସ୍ୟମୟ।

ବାଇଶି ପାହାଚ କୁହାଯାଉଥଲେ ମଧ ତାହା ବାସ୍ତବରେ ୨୦ଟି ପାହାଚ ରହିଛି। ପୁରୁଣା ବା ମୂଳ ସିଂହଦ୍ୱାରଠାରୁ ନୂଆ ସିଂହଦ୍ୱାର ପର୍ଯ୍ୟନ୍ତ ଲାଗିଥିବା ଏହି ପାହାଚକୁ ବାଇଶି ପାହାଚ ବୋଲି କୁହାଯାଏ। ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ ପୂର୍ବରୁ ଏଠାରେ ମହାପ୍ରସାଦ ବିକ୍ରି ହେଉଥଲା। ଭକ୍ତମାନେ ମହାପ୍ରସାଦ ଓ କୈବଲ୍ୟ ପାଉଥିଲେ। ସେଥପାଇଁ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଲେଖିଛନ୍ତି :

ବାଇଶି ପାବଚ୍ଛ ଗଲି ସୁଖେ, କୈବଲ୍ୟ ପସରା ବେନି ପାଶେ।
ଚାଣ୍ଡାଳୁ ବ୍ରାହ୍ମଣ ଶୁଦ୍ର ପରିଯନ୍ତେ, କୈବଲ୍ୟ ଭୁଞ୍ଜନ୍ତି ମୁଖେ ମୁଖେ।

ବାଇଶି ପାହାଚରେ ପ୍ରତି ପାହାଚର ଉଚ୍ଚ ୬ରୁ ୭ଇଞ୍ଚ, ଓସାର





୬ଫୁଟ ଓ ଲମ୍ବ ୭୦ଫୁଟ ରହିଛି। ଏହାର ଅଷ୍ଟାଦଶ ପାହାଚଟିର ପ୍ରସ୍ଥ ୧୫ ଫୁଟ, ଆନନ୍ଦବଜାର ପ୍ରବେଶ ମାର୍ଗରେ ଏହାର ୧୯ ଓ ୨୦ ତମ ପାହାଚ ରହିଛି। ଯାହା ଅର୍ଦ୍ଧଗୋଲାକାର। ଏହାର ପ୍ରବେଶ ମାର୍ଗର ତୃତୀୟ ପାହାଚରେ କାଶୀବିଶ୍ୱନାଥ ମନ୍ଦିର ରହିଛି।

ବଡ଼ଦେଉଳରେ ମହାପ୍ରଭୁଙ୍କ ଦର୍ଶନ କରିବା ପୂର୍ବରୁ , ପ୍ରଥମେ ସିଂହଦ୍ୱାର ଗୁମୁଟ ମଧ୍ୟରେ ଦକ୍ଷିଣ ଭାଗରେ ଥିବା ୨୨ ଭୂଜ ନୃସିଂହ, ପତିତପାବନ ଦର୍ଶନ କରିବା ସହ ବାମ ଭାଗେ ଥିବା ମହାବୀର ଗଣେଶ ଆଦି ଦର୍ଶନରୁ ଆରମ୍ଭ ହୋଇଥାଏ। ତତ୍ପରେ ୨୨ ପାହାଚରେ ଥିବା ଯମ ଶିଳା ଉପରେ ଠିଆ ହୋଇ ନୀଳଚକ୍ର ଦର୍ଶନ କରି, ବାମ ଭାଗେ ଥିବା କାଶୀ ବିଶ୍ୱନାଥ, ଶ୍ରୀ ରାମଚନ୍ଦ୍ର, ନୃସିଂହ ଆଦିଙ୍କୁ ଦର୍ଶନ କରି ବାଇଶି ପାହାଚ ଅତିକ୍ରମ କରାଯାଇଥାଏ।

କୂର୍ମ ବେଢ଼ା ପ୍ରବେଶ କରିବା ପରେ, ପ୍ରଥମେ ବାମ ଭାଗରୁ ବେଢ଼ା ପରିକ୍ରମା ଆରମ୍ଭ ହୋଇଥାଏ। ଏହି ପରିକ୍ରମା ଆରମ୍ଭ ସତ୍ୟ ନାରାୟଣଙ୍କ ଠୁ ଆରମ୍ଭ ହୋଇ, କଳ୍ପବଟ ମୂଳେ ଥିବା ବାଳ ମୁକୁନ୍ଦ, ହରି ସହଦେବ ମନ୍ଦିର, ବଟ ଜଗନ୍ନାଥ, ବଟ ଗଣେଶ, ପଞ୍ଚ ମହାଦେବ, ବଟ ମଙ୍ଗଳା, କଳ୍ପବଟ, ଇନ୍ଦ୍ରାଣୀ ମନ୍ଦିର, କୁଉାମ ଚଣ୍ଡୀ, ଅନନ୍ତ ଶୟନ, ମୁକ୍ତି ମଣ୍ଡପ, ମୁକ୍ତି ମଣ୍ଡପ ନିକଟସ୍ଥ ଆଦି ନୃସିଂହ, ରୋହିଣୀ କୁଣ୍ଡ, ବିମଳା ଠାକୁରାଣୀ, ସାକ୍ଷୀ ଗୋପାଳ, କାଞ୍ଚି ଗଣେଶ, ନିଶା ନୃସିଂହ, ନିଶା ବରାହ, ସରସ୍ୱତୀ ମନ୍ଦିର, ଭୁବନେଶ୍ୱରୀ ଠାକୁରାଣୀ, ଷଷ୍ଠୀ ଦେବୀ, ନୀଳମାଧବ, ବେଢ଼ା କାଳୀ, ମହାଲକ୍ଷ୍ମୀ ମନ୍ଦିର, ନବଗ୍ରହ ମନ୍ଦିର, ସୂର୍ଯ୍ୟ ମନ୍ଦିର, ନିଶା ତ୍ରିବିକ୍ରମ, ଶ୍ରୀରାମ ଚନ୍ଦ୍ର ମନ୍ଦିର, ହୟଗ୍ରିବ, ପାତାଳେଶ୍ୱର ମହାଦେବଙ୍କ ଦର୍ଶନ କରି ସାତ ପାହାଚ ଦେଇ ବଡ଼ଦେଉଳ ନାଟମଣ୍ଡପକୁ ପ୍ରବେଶ କରିବା ବିଧି ପାଳନ କରାଯାଏ।

ନାଟମଣ୍ଡପ ପ୍ରବେଶ କରିବା ପରେ ପ୍ରଥମେ ଗରୁଡ଼ ପଛ ଭାଗରୁ , ଶିବ ଓ ବ୍ରହ୍ମା ଙ୍କୁ ଦର୍ଶନ କରି, ମହାପ୍ରଭୁଙ୍କ ଦର୍ଶନ କରିବା ବିଧି ଥାଏ। ଏହାପରେ ଗରୁଡ ଖମ୍ବକୁ ଆଲିଙ୍ଗନ କରାଯାଇଥାଏ।

ତତ୍ପରେ, ନାଟମଣ୍ଡପ ମଧ୍ୟରେ ଥିବା ସମସ୍ତ ଦେବତାଙ୍କୁ ଦର୍ଶନ କରି ଜଗମୋହନକୁ ପ୍ରବେଶ କରିବା ଉଚିତ୍। ଜଗମୋହନ ନଣ୍ଡାବର୍ତ୍ତ ନିକଟରେ ଜୟ ବିଜୟଙ୍କୁ ନମସ୍କାର କରି ଜଗମୋହନ ମଧ୍ୟରେ କୋଟି କୈବଲ୍ୟ ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ବିଧି ଅଛି।

ଏହାପରେ ବାହାର ଭଣ୍ଡାର ଘରେ ଦେବ ଦେବ ଲୋକନାଥ, ଦେବୀ ଦୁର୍ଗା, ଶୟନ ଦିଅଁ ଆଦିଙ୍କୁ ଦର୍ଶନ କରି ବେହରଣ ଦ୍ୱାର ଦେଇ ବାହାରକୁ ବାହାରି ଦକ୍ଷିଣ ଘରେ ସମସ୍ତ ଚଳନ୍ତି ବିଗ୍ରହ ବା ଉତ୍ସବ ବିଗ୍ରହଙ୍କୁ ଦର୍ଶନ କରି ଆନନ୍ଦରେ ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରିବା ବିଧେୟ। ଏହାପରେ ସ୍ନାନ ବେଦୀ, ଉତ୍ତର ଭାଗରେ ଥିବା ଇଶାଣେଶ୍ୱର ମହାଦେବ, ଶୀତଳା ଠାକୁରାଣୀ, ମହାବୀର, କୋଇଲି ବୈକୁଣ୍ଠ ଦର୍ଶନ କରିବା ସହ, ପଶ୍ଚିମ ଭାଗରେ ଥିବା କାନପତା ମହାବୀର, ଚାରି ଧାମ ମନ୍ଦିର, ନିଳାଦ୍ରୀ ଉପବନ ଏବଂ ଦକ୍ଷିଣ ପାର୍ଶ୍ୱରେ ଶ୍ରୀ ରାମ ଚନ୍ଦ୍ର ମନ୍ଦିର, ବାର ଭାଇ ହନୁମାନ, ଭାଗବତ ମନ୍ଦିର ଆଦି ଦର୍ଶନ ବିଧେୟ। ଏହି ପ୍ରକାର ଦର୍ଶନ କରିବା ଦ୍ୱାରା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ବୈକୁଣ୍ଠ ପ୍ରାପ୍ତିର ଫଳ ଦେଇଥାଏ ବୋଲି ଜନମାନସରେ ବିଶ୍ୱାସ ରହିଛି।

**ନୂଆପଲ୍ଲୀ, ଭୁବନେଶ୍ୱର**
**ମୋ-୯୪୩୭୧୭୫୭୬୪**



ଦୃଷ୍ଟିଭଙ୍ଗୀ

# ମହାପ୍ରଭୁଙ୍କ ସୁନାବେଶ

ଡ଼ଃ.ଅରୁନ୍ଧତୀ ଦେବୀ

କ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଯେଭଳି ଶ୍ରେଷ୍ଠ ସମସ୍ତ ଦେବତା ମାନଙ୍କ ମଧ୍ୟରେ ଶ୍ରୀ ପୁରୁଷୋତ୍ତମ (ଜଗନ୍ନାଥ) ହେଉଛନ୍ତି ସେହିଭଳି ଶ୍ରେଷ୍ଠ ବା ରାଜା। ଯେପରି - "ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀ ପୁରୁଷୋତ୍ତମ। ସର୍ବେଷାଂ ଚୈବ ବେଦାନାଂ ରାଜା ଶ୍ରୀ ପୁରୁଷୋତ୍ତମ।" (କପିଳ ସଂହିତା ) ପ୍ରତିବର୍ଷ ମହାପ୍ରଭୁଙ୍କର ଏହି ରାଜବେଶ ବା ସୁନାବେଶ ପ୍ରାୟ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ। ଏହା ସାଧାରଣତଃ ବିଜୟା ଦଶମୀ (ଦଶହରା ), ପୌଷ ପୂର୍ଣ୍ଣମୀ (ପୁଷ୍ୟାଭିଷେକ), ଦୋଳ ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଆଷାଢ଼ ଶୁକ୍ଳ ଏକାଦଶୀ (ରଥ ଉପରେ ) ଦିନ ଅନୁଷ୍ଠିତ ହୋଇଥାଏ। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଏହି ପବିତ୍ର ସୁନାବେଶର ଉତ୍ପତ୍ତି ସଂପର୍କରେ ଆମେ ଯାହା ଐତିହାସିକ ଓ ପୌରାଣିକ ତଥ୍ୟ ସଂଗ୍ରହ କରିଥିଲୁ ଏହାର ମୁତାବକ ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗବଂଶର ମହାନ ରାଜା ତୃତୀୟ ଅନଙ୍ଗଭୀମ ଦେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ଭାବେ ଘୋଷଣା କରିଥିଲେ।

ଏପରିକି ଏକ ଶିଳାଲିପିର ତଥ୍ୟ ଅନୁଯାୟୀ ପ୍ରଚୁର ପରିମାଣରେ ସ୍ୱର୍ଣ୍ଣ, ରୌପ୍ୟ, ମଣି, ମୁକ୍ତା ହୀରା, ନୀଳା ଇତ୍ୟାଦି ମୂଲ୍ୟବାନ ରତ୍ନ , ଅଳଙ୍କାର ଶ୍ରୀ ଜୀଉମାନଙ୍କୁ ଅର୍ପଣ କରିଥିବାରୁ ସେ ସମୟରେ ରୀତି, ନୀତି ଓ ପରଂପରାକୁ ନେଇ ସୁନାବେଶର ସୃଷ୍ଟି ହୋଇଥିବା ଅଧିକ ସମ୍ଭବ ମନେହୁଏ। ସେହିପରି କେତେକ ଐତିହାସିକଙ୍କ ଗବେଷଣାଲବ୍ଧ ତଥ୍ୟ ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଐଶ୍ୱର୍ଯ୍ୟ ମାଧୁର୍ଯ୍ୟର ମିଳିତ ବିଗ୍ରହ । ସୁନାବେଶର ଐଶ୍ୱର୍ଯ୍ୟ ଭାବ ପ୍ରକାଶିତ ହୋଇଥାଏ । ଗବେଷକ ମାନେ ସୁନା ବେଶର ଉତ୍ପତ୍ତି ୧୨୩୨ ଖ୍ରୀଷ୍ଟାବ୍ଦ ବୋଲି ନିରୁପଣ କରିଛନ୍ତି। ଦକ୍ଷିଣ ଭାରତ ବିଜୟ କରି ୧୪୬୦ ସାଲର ରାଜା କପିଳେନ୍ଦ୍ର ଦେବ ୧୬ଟି ହସ୍ତୀରେ ବୋଝେଇ ବିପୁଳ ଧନରତ୍ନ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁମାନଙ୍କୁ ଉତ୍ସର୍ଗ କରିଥିଲେ ।

ସୁନାବେଶ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକ ସଂର୍ପରେ ପୁରାତନ ରେକର୍ଡ଼ରୁ କିଛି (ସଂପୂର୍ଣ୍ଣ ନୁହେଁ) ସୂଚନା ଯାହା ଆମେ ସଂଗ୍ରହ କରିଥିଲୁ। ଏହି ସୂଚନା ମୁତାବକ ଶ୍ରୀ ବଳଭଦ୍ରଙ୍କୁ ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳ, କଦମ୍ବମାଳି, ତିଳକ, ଚନ୍ଦ୍ରିକ, ଅଳକା, ଝୋବାକଣ୍ଠି, ହଳ ମୂଷଳ, ବାହାଡ଼ାମାଳି, ବାଘନଖ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି, ଦେବୀ ସୁଭଦ୍ରାଙ୍କୁ କିରୀଟ, ଓଡ଼ିଆଣୀ କାନ, ସୂର୍ଯ୍ୟଚନ୍ଦ୍ର, ଘାଗଡ଼ାମାଳି, କଦମ୍ବ ମାଳି, ଆୟୁଧ ସେବତୀ ମାଳି ଏବଂ ଶ୍ରୀଜଗନ୍ନାଥଙ୍କୁ କିରୀଟ, ଶ୍ରୀଭୁଜ, ଶ୍ରୀ ପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କାନ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସ୍ୱର୍ଣ୍ଣଚକ୍ର, ରୌପ୍ୟଶଙ୍ଖ, ହରିଡ଼ା କଦମ୍ବ ମାଳି, ତାବିଜ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି ଆଦି ରତ୍ନ ଖଚିତ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେଉଥିଲା । ସୁରକ୍ଷା ଦୃଷ୍ଟିରୁ ରଥ ଉପରେ ହେଉଥିବା ସୁନାବେଶରେ କେତେକ ଦୁର୍ଲଭ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେଉ ନଥିଲା ।

ରାଜା କପିଳେନ୍ଦ୍ର ଦେବଙ୍କ ଆଦେଶରେ ପ୍ରସ୍ତୁତ ପ୍ରତ୍ୟେକ ଅଳଙ୍କାର ପଛରେ ଏକ ନିର୍ଦ୍ଦିଷ୍ଟ ଇତିହାସ ଲୁଚି ରହିଛି । ଏହି ଅବ୍ୟକ୍ତ ଇତିହାସର ମୂଲ୍ୟାଙ୍କନ ମଧ ଦୂରୁହ ବ୍ୟାପାର । ରଥ ପର କେବଳ ଲାଗି ହେଉଥିବାର ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକର ମୂଲ୍ୟକୁ ନେଇ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ । କିଏ କହୁଛି ୫୦୦ କୋଟି ତ ଅନ୍ୟ କିଏ କହୁଛି ଏକ ହଜାର କୋଟି ଟଙ୍କା ହେବ। କିନ୍ତୁ ମହାପ୍ରଭୁଙ୍କ ଏହି ବିରଳ ଅଳଙ୍କାରର ପ୍ରକୃତ ମୂଲ୍ୟାଙ୍କନ ଅସମ୍ଭବ ଏଥିରେ ସନ୍ଦେହ ନାହିଁ ।

ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଗବେଷଣା ପ୍ରସ୍ତୁତ ତଥ୍ୟାନୁସାରେ ଗଜପତି କପିଳେନ୍ଦ୍ର ଦେବ ତାଙ୍କର ବିଜ ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ ଗୋଟି ହାତୀରେ ବୋଝାଇ ଆଣିଥିବା ଦେବ ତାଙ୍କର ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ଗୋଟି ହାତୀରେ ବୋଝାଇ ଆଣିଥିବା ସ୍ୱର୍ଣ୍ଣରତ୍ନରେ ସ୍ୱର୍ଣ୍ଣମୁକୁଟ, ସ୍ୱର୍ଣ୍ଣଶ୍ରୀପୟର, ପଦକ, କୁଣ୍ଡଳ ନଳୀଭୁଜ, ତିଳକ, 'ବଡ଼ ତଢ଼ଉ' ନାମକ କଣ୍ଠମାଳା ଆଦି ନିର୍ମାଣ କରାଇ ଗୁଣ୍ଡିଚା ଘରୁ ରଥ ଫେରିବା ପରେ ଜୀଉମାନଙ୍କୁ ପ୍ରଥମେ ଏହିବେଶ କରାଇଥିଲେ । ଅତୀତରେ ଏହା 'ବଡ଼ଚଢ଼ଉ ବେଶ' ନାମରେ ମଧ ପରିଚିତ ଥିଲା । ମୟୂରଭଞ୍ଜ, ପାରଳା ଖେମୁଣ୍ଡି ପ୍ରଭୃତି ସ୍ୱନାମଧନ୍ୟ ରାଜାମାନେ ଏହି ରାଜ୍ୟ ବିଜୟର ସ୍ମାରକ ବେଶ ଦେଖିବାକୁ ଆସୁଥିଲେ ଏବଂ ପ୍ରଭୁଙ୍କୁ ଉତ୍କଳର ସମ୍ରାଟ ବା ରାଜାଧିରାଜ ରୂପେ ବନ୍ଦାପନା କରୁଥିଲେ । ଏବେଶର ବନ୍ଦନା ତଥା ପୁଷ୍ପାଞ୍ଜଳୀମନ୍ତ୍ରଟି ବେଶ ତାତ୍ପର୍ଯ୍ୟପୂର୍ଣ୍ଣ। "ସ୍ୱରାଟରାଟ ଶ୍ରୀ ଜଗନ୍ନାଥ ତ୍ରିକଳିଙ୍ଗ ପତିର୍ଷତିଃ, ରାଜାଧିରାଜ ଶ୍ରୀ ଦେବଃ ଦେହି ଶ୍ରୀ ବିଜୟ ସଦା ।"

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦**

## ମନକୁ ଆସିଲା ଯାହା ୨୬

# ସପନର ପଛେ ପଛେ...



ସୌମ୍ୟଶ୍ରୀ ପାଣିଗ୍ରାହୀ

ମୁଁ ଯେବେବି ଭୁବନେଶ୍ୱର ଯାଏ, ଫେରିଲାବେଳେ ସେଇଠି ହିଁ ଅଟକେ। ରାତି ବେଶୀ ହେଇଥିଲେ ବି ସେଇ ଢାବାଟି ଖୋଲାଥିବ ବୋଲି ମୋର ବିଶ୍ୱାସ ଥାଏ। ମୋର ଟେବୁଲ ଓ ଖାଇବାର ମେନ୍ୟୁ ସବୁଥର ପ୍ରାୟ ଉଣାଅଧିକେ ସମାନ ଥାଏ। ଗୋଟେ ପ୍ଲେଟ ସାଲାଡ, ୩ଟି ତାଓ୍ୱାରୁଟି, ଅଧାପ୍ଲେଟ କଡିପକୋଡ଼ି (ଆମ ଭାଷାରେ କହିଲେ ବେସନ-ବରା ତରକାରୀ), ଅଧାପ୍ଲେଟ ମିକ୍ସତଡକା ଓ ଶେଷରେ ଲଚ୍ଛା କ୍ଷୀରି। ସେଇ ଟେବୁଲ ପାଇଁ ନିର୍ଦ୍ଦିଷ୍ଟ ଟହଲିଆ (ୱେଟର) ମୋର ପସନ୍ଦ ଜାଣିସାରିଥିବାରୁ ଆଜିକାଲି ମୋତେ ଆଉ ଅର୍ଡର କରି ଅପେକ୍ଷା କରିବାକୁ ପଡୁନି। ମୁଁ ପହଞ୍ଚିଲେ ଆଗେ ଆସିଯାଏ ସାଲାଡ, ବାକି ଆଇଟମ ସବୁ ତା' ପଛକୁ ପଛ ଆସି ପହଞ୍ଚିଯାଏ। ମୋତେ ସେଇଥିପାଇଁ ଏଇ ଢାବାରେ ଖାଇବାକୁ ଭଲଲାଗେ ।

ଗତ ସପ୍ତାହରେ ମୁଁ ସବୁଥର ପରି, ଯାଇ ମୋ ଚିରାଚରିତ ଟେବୁଲରେ ବସିଗଲି। ଆପଣାଛାଏଁ ସାଲାଡ଼ ଆସିଲାନି। ମୋ ଆଖି ଖୋଜୁଥାଏ ସେଇ ନିର୍ଦ୍ଦିଷ୍ଟ ଟହଲିଆ ଜଣକୁ। ହଠାତ ମୋ ସାମ୍ନାରେ ଉଭା ହେଲେ ଆଉ ଜଣେ ଟହଲିଆ। ସେ ମୋର ପରିଚିତ ନୁହନ୍ତି, କିନ୍ତୁ କହିଲେ 'ଆଜି ରାଜୁଭାଇ ଆସିନାହାନ୍ତି, ତେଣୁ ତାଙ୍କ ଟେବୁଲ ମୁଁ ଦେଖୁଛି।' ମୁଁ ସେପର୍ଯ୍ୟନ୍ତ ମୋର ସେଇ ପୁରୁଣା ୱେଟରର ନାମ ରାଜୁ ବୋଲି ଜାଣି ନଥିଲି। ମୋ ଅର୍ଡର କହିବାକୁ ଗଲାବେଳେ ସେ ଅନର୍ଗଳ କହିଗଲା ମୋର ସବୁଦିନିଆ ଅର୍ଡର, ତା'ମାନେ ସେ ମୋତେ ଏଠି କେତେଥର ଦେଖି ଦେଖିହିଁ ମନେରଖିଦେଇଛି ବୋଧେ। କିନ୍ତୁ ସେ ନିଜଆଡୁ ହଠାତ୍ କହିଲା, 'ସାର ଯଦି କିଛି ମାଇଣ୍ଡ ନକରିବେ, ମୋ ଆଡୁ ଗୋଟେ ସଜେସନ ଦେବି କି...।' ମୁଁ ଆଶ୍ଚର୍ଯ୍ୟ ହେଲି ଗୋଟେ ଢାବାର ଟହଲିଆ ମୁହଁରୁ 'ମାଇଣ୍ଡ' ଓ 'ସଜେସନ' ପରି ଇଂରାଜୀ ଶବ୍ଦ ଶୁଣି।

ମୁଁ ବି ଅଳ୍ପ ବହୁତ ତାଚ୍ଛଲ୍ୟ କଲା ପରି କହିଲି, 'କଣ ସଜେସନ ଦେବେ, ସାର...କୁହନ୍ତୁ।' ସେ କହିଲା,'ଆପଣ ଆମର ସ୍ପେଶାଲ ଭେଜଥାଳି ନିଅନ୍ତୁ। ଏଥିରେ କଡିପକୋଡ଼ି, ତଡକା ତ' ମିଳିଯିବ, ସାଙ୍ଗରେ ସାଲାଡ ଆଉ କ୍ଷୀରି ବି, ସେଥିରେ ପୁଣି ଏକ୍ସଟ୍ରା ଗୋଟେ ତରକାରୀ ସହିତ ବି ଆପଣଙ୍କୁ ଟ୍ୱେଣ୍ଟି ପରସେଣ୍ଟ ଶସ୍ତା ପଡିବ। ଏଥର ଇଂରାଜୀ ଜ୍ଞାନ ସହ ଗଣିତ ଜ୍ଞାନର ସମିଶ୍ରଣ ଦେଖି ମୁଁ ଆଚମ୍ବିତ ହେଲି। ଯେ ନିଶ୍ଚୟ ଏଠିକାର ପିଲା ନୁହେଁ। ଟହଲିଆ ବା ୱେଟର ତ' କେବେବି ହେଇ ନପାରେ। ମୁଁ ବି ନିଜେ ହିସାବକରି ଦେଖିଲି, ସେ ଠିକ କହୁଛି। ମୁଁ ତାର ପରାମର୍ଶ ଗ୍ରହଣ କରି ସେଇ ଥାଳି ଆଣି ଦେବାକୁ କହିଲି ଏବଂ କୌତୁହଳୀ ହୋଇ ତା' ନିଜ ବିଷୟରେ ପଚାରି ବସିଲି। ସେ ବଡ ଆଗ୍ରହର ସହ ମୋ ଅର୍ଡର ଆଣିଦେଲା।

ମୁଁ ଏଥର ତାକୁ ନିରିଖେଇ ଦେଖିଲି। ମୁଣ୍ଡରେ ସାଇଜକରା ବାଳ, ପାଦରେ ପଲିସକରା ଜୋତା, ସଫା ଫୁଲପ୍ୟାଣ୍ଟ ସାଙ୍ଗକୁ ଇସ୍ତ୍ରୀକରା ହାଫସାର୍ଟ। ମୋତେ କୌଣସି ଦୃଷ୍ଟିରୁ ସେ ୱେଟର ପରି ଲାଗିଲାନି। ସେ କହିଲା, ଦିନରେ ଭୁବନେଶ୍ୱରର ଏକ ଘରୋଇ କଲେଜରେ ପାଠପଢିବା ସହ ଲୋକସେବା ଆୟୋଗର ସିଭିଲ ସର୍ଭିସ ପରୀକ୍ଷା ପାଇଁ କୋଚିଂ ନେଉଛି ଓ ରାତିରେ କିଛି ପଇସା ପାଇଁ ଏଠି ପାର୍ଟଟାଇମ କାମ କରୁଛି। ତା' ଆଖିରେ ସ୍ୱପ୍ନର ଚମକ ମୁଁ ଦେଖିପାରୁଥିଲି। ନିମ୍ନମଧ୍ୟବିତ୍ତ ଘରର ଆର୍ଥିକବୋଝ ଏବଂ ନିଜ ଇପ୍ସିତ ଲକ୍ଷ୍ୟ ପଛରେ ଧାଇଁବାର ଉତ୍ସାହ ଭିତରେ ଘମାଘୋଟ ଯୁଦ୍ଧ, ମୁଁ ଅନୁଭବ କରିପାରୁଥିଲି ତା' କଥାରୁ।

ତା'ସହ ଆଉକିଛି କଥା ହେଉହେଉ, ମୋ ଖାଇବା ସରି ସରି ଆସୁଥିଲା। ମୋ ଚାକିରୀରେ ମୁଁ ନିଜକୁ ଅନ୍ୟୁନ ୫୦-୧୦୦ ଲୋକଙ୍କୁ ଭେଟେ ଆଉ ଶୁଣେବି ସେମାନଙ୍କ କାହାଣୀ, କାହିଁକି କେଜାଣି ଏଇ କାହାଣୀର ନାୟକକୁ ଦେଖିସାରିବାପରେ ମୋ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥିଲା।

ମୁଁ ଖାଇସାରି କାଉଣ୍ଟରରେ ପଇସାଦେଇ ବାହାରକୁ ଆସିଲି। ସବୁଥର ପରି ୱେଟରକୁ କିଛି ପଇସା ଟିପ୍ସ ଆକାରରେ ଦେବାକୁ ସେଦିନ ମୋର ଇଚ୍ଛା ହେଉ ନଥିଲା। ଗାଡ଼ିରେ ପଡିଥିଲା ସେଇଦିନ ସଞ୍ଜରେ କିଣିଥିବା ସୁନ୍ଦର ପାର୍କର କଲମଟେ। ସେଇଟାକୁ ନେଇ ଖୋସିଦେଲି ତାର ସାର୍ଟ ପକେଟରେ। କିଏ ଜାଣେ, କାଲି ସେ ପରୀକ୍ଷାରେ ପାସ କରି ପ୍ରଶାସନିକ ଅଧିକାରୀଟେ ନହେବ ବୋଲି..। ସତରେ ମୋତେ ଲାଗୁଥିଲା, ମୋ ଆଗରେ ଗୋଟେ ଢାବାର ୱେଟର ନୁହେଁ ବରଂ ଭବିଷ୍ୟତର ଜଣେ ତହସିଲଦାର/ବିଡିଓ କି ଅନ୍ୟକେହି ଅଧିକାରୀ ଛିଡାହେଇଛନ୍ତି ବୋଲି। ମୁଁ ଫେରିଆସିଲା ବେଳେ ଭାବୁଥିଲି, ଏମାନେ କାହିଁକି ନିଜ ସାଧନାରେ ସଫଳ ନହେବେ...! କାରଣ, ଏମାନଙ୍କର ହାରିବାକୁ କିଛିନାହିଁ, ସବୁକିଛି ହରେଇସାରି ବିଶ୍ୱ, କିନ୍ତୁ ଜିତିବାକୁ ପଡିଛି ସାରା ମଇଦାନ, ସାରା ଆକାଶ। ସେଥିପାଇଁ ତ ଏମାନେ ଲକ୍ଷ୍ୟପଛରେ ଦୌଡିଚାଲିଛନ୍ତି ଅହରହ ଅନାୟସରେ।

ସେଇଠୁ ଟିକେ ବାଟ ଆସିଛିକି ନାହିଁ, ନଜର ପଡିଲା, ରାସ୍ତାରେ ମୋ ସାମ୍ନାରେ ଯାଉଥିବା ଟ୍ରକର ପଛପଟେ ଲେଖାଥିବା ବାକ୍ୟଟିଏ ଉପରେ, 'ଚଲତି ହୈ ଗାଡି ତୋ ଉଡ଼ତି ହୈ ଧୂଲ, ଜଲତେ ହୈ ଦୁସମନ ତୋ ଖିଲତେ ହୈ ଫୁଲ।' କେଡେ ସହଜ ସରଳ ସତକଥାଟିଏ କହିଲେ। ଆପଣ 'ବୁରୀନଜର ୱାଲା ତେରା ମୁହଁ କାଲା', 'ହର୍ଣ୍ଣ ଓକେ ପ୍ଲିଜ' ବା 'ମେରା ଭାରତ ମହାନ' ଲେଖା ତ' ନିଶ୍ଚୟ ଦେଖିଥିବେ କିମ୍ବା ଟାଟା ମ୍ୟାଜିକ ଗାଡ଼ିପଛରେ 'ମୁଁ ବଡହେଲେ ବସ ହେବି' ବୋଲି ବି ଲେଖାଥିବା ନଜରକୁ ଆସିଥିବ। ଏସବୁ ସତରେ କ'ଣ ଗାଡ଼ି ଡ୍ରାଇଭରମାନଙ୍କର ମନ ଭିତରେ ଥିବା ସୃଜନଶୀଳତାର ପରିପ୍ରକାଶ.. ଉଚ୍ଚାଭିଳାଷ ଓ ଉଚ୍ଚାକାଂକ୍ଷାର ବି ଯେ ଗୋଟେ ଗୋଟେ ନମୁନା ନୁହେଁ କି... ?

ସେଦିନ ଗୋଟେ ଟ୍ରକ ପଛରେ ଚିତ୍ର ମାଧ୍ୟମରେ ତୀର ଚିହ୍ନ ଦେଇ ଆରଟିଓ, ଟୋଲ, ପୋଲିସ, ଡିଜେଲ, ପରିବାର, ଏକ୍ସିଡେଣ୍ଟ(ଦୁର୍ଘଟଣା) ଆଦିକୁ ଯୋଡି ଶେଷରେ 'ଡ୍ରାଇଭରର ଜୀବନ' ବୋଲି ଲେଖାଥିବାର ଦେଖିଥିଲି। ସତ କହୁଛି ମୋତେ ଏଇଟା ଏତେ ଭଲ ଲାଗିଲା ଯେ' ମୁଁ ପଛରୁ ଫଟୋଉଠେଇ ରଖିଲି ମୋବାଇଲରେ। ପରେ ଗାଡିନମ୍ବରରୁ ଖୋଜିଖୋଜି ମାଲିକକୁ ବି ଫୋନରେ ଧନ୍ୟବାଦ ଜଣେଇଲି।

ଯଦି ମହତ୍ତ୍ୱାକାଂକ୍ଷା ନଥାନ୍ତା, ତେବେ ରଜନୀକାନ୍ତ ବି ଆଜି ବସ କଣ୍ଡକ୍ଟରରୁ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ହେଇପାରି ନଥାନ୍ତେ। ଏଇ ଅଳ୍ପଦିନ ତଳେ ବାଙ୍ଗାଲୋର ଯିବାବେଳେ ବିମାନରେ ଭେଟିଥିଲି ରାଜେଶ ରୱାନୀଙ୍କୁ। ସେ ପେଶାରେ ଜଣେ ଟ୍ରକଡ୍ରାଇଭର, କିନ୍ତୁ ସାମାଜିକ ଗଣମାଧ୍ୟମରେ ତାଙ୍କର ୨୪ ଲକ୍ଷରୁ ଅଧିକ ଅନୁଗାମୀ (ଫଲୋଅର୍ସ) ଅଛନ୍ତି। କରୋନା ସମୟରେ ୨୦୨୧ରେ ନିଜ ପୁଅମାନଙ୍କ ସାହାଯ୍ୟରେ ଆରମ୍ଭ କରିଥିବା 'ଆର ରାଜେସ ଭ୍ଲଗ୍ସ' ନାମକ ୟୁଟ୍ୟୁବ ଚ୍ୟାନେଲ ମାଧ୍ୟମରେ ସେ ନିଜ ଦୈନନ୍ଦିନ ଜୀବନର ଘଟଣା, ଅନୁଭୁତି ଏବଂ ରାସ୍ତାରେ ଭେଟୁଥିବା ବହୁବର୍ଣ୍ଣୀ ଚରିତ୍ର ମାନଙ୍କୁ ନେଇ ଏମିତି ଭିଡ଼ିଓ ପ୍ରସ୍ତୁତ କରୁଛନ୍ତି ଯେ, ଆଜି ସେ ଟ୍ରକ ଚଲେଇ ଯେତିକି ରୋଜଗାର କରୁନାହାନ୍ତି, ତା ଠୁଁ କାହିଁ କେତେଗୁଣ ଅଧିକ ୟୁଟ୍ୟୁବରୁ ରୋଜଗାର କରୁଛନ୍ତି। ମହିନ୍ଦ୍ରା କମ୍ପାନୀ ପକ୍ଷରୁ ତାଙ୍କୁ ଜାତୀୟ ସ୍ତରୀୟ ସେମିନାରରେ ଅତିଥି ଭାବେ ଆମନ୍ତ୍ରିତ କରାଯାଇଛି। ଆହୁରିମଧ ଏକ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୁଚକ ଡକ୍ଟରେଟ ଉପାଧି ଦେବାକୁ ସ୍ଥିର କରିଛି। ଆଜି ନିଜର ନିଷ୍ଠା ଓ ଅନ୍ତର୍ନିହିତ ପ୍ରତିଭା ବଳରେ ସେ ସାରା ଭାରତରେ ଟ୍ରକଡ୍ରାଇଭର ମାନଙ୍କର ଚେହେରା ପାଲଟି ସାରିଛନ୍ତି ।

ଆମେ କୌଣସି ମଲ୍ ବା ସୋରୁମ୍‌ରେ ସଜେଇ ହୋଇ ଠିଆ ହେଇଥିବା 'ଅଡି' କି 'ବିଏମଡବ୍ଲୁ' କାର ଦେଖିଲେ ତା'ସହ ସେଲ୍ଫି ନେଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁ। ମାତ୍ର ସତକହିଲେ, ଆମଭିତରୁ କେତେଜଣ ସେଇମିତି କାର କିଣିବାକୁ ସ୍ୱପ୍ନ ଦେଖନ୍ତି ଓ ସେଇ ଦିନରୁ ଲାଗିପଡନ୍ତି ନିଜ କାମରେ। ଆମେ ସ୍ୱପ୍ନ ଖାଲି ଦେଖିଲେ ହେବନି, ତାକୁ ପୂରା କରିବାକୁ ତା' ପଛରେ ଜୀବନକୁ ବାଜି ଲଗେଇ ଧାଇଁବାକୁ ହେବ। ସେଇଥିପାଇଁ ତ' ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ କହିଥିଲେ, 'ସ୍ୱପ୍ନ ତାହା ନୁହେଁ, ଯାହା ତୁମେ ନିଦରେ ଶୋଇ ବନ୍ଦ ଆଖିରେ ଦେଖ, ବରଂ ସ୍ୱପ୍ନ ତାହା, ଯାହା ତୁମକୁ ଶୋଇବାକୁ ଦିଏନି, ଭୋକ-ଶୋଷ-ନିଦ ସବୁ ହଜେଇ ଦିଏ।' ପ୍ରକୃତରେ ଏମିତି ସ୍ୱପ୍ନକୁ ପୂରାକରିବାକୁ ପଣକରି ଧାଇଁବାର ନାମ ହିଁ ଜୀବନ। ନା କଣ କହୁଛନ୍ତି...!!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ମନସୁନ୍ ଫ୍ୟାସନ୍ ଷ୍ଟାଇଲିସ୍

**ବର୍ଷା ଋତୁରେ ଷ୍ଟାଇଲିସ୍ ଏବଂ କୁଲ୍ ଦେଖାଯିବା ପାଇଁ କିଛି ସରଳ ଫ୍ୟାସନ୍ ଟିପ୍ସ ନେବା ଜରୁରୀ। କିନ୍ତୁ ଏହି ସମୟରେ ବର୍ଷା ମଧ୍ୟ ଫ୍ୟାସନ୍ ଚ୍ୟାଲେଞ୍ଜରେ କିଛି ପରିବର୍ତ୍ତନ ଆଣିଥାଏ। ବର୍ଷା ଦିନରେ ଯେମିତି ଡ୍ରେସ୍, ଚପଲ, ମେକ୍ଅପ୍, ଛତା, ରେନିକୋଟ୍, ହେୟାର ଷ୍ଟାଇଲିସ୍‌କୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦିଆଯାଇଥାଏ। ଆସନ୍ତୁ ମନ୍‌ସୁନ୍ ଫ୍ୟାସନ୍‌ର କିଛି ସହଜ ଟିପ୍ସ ଜାଣିବା।**









## ଡାର୍କ କଲର୍

ବର୍ଷା ଦିନେ ରାସ୍ତାରେ କାଦୁଅ ଏବଂ ମଇଳା ପାଣିର ଦାଗ ପ୍ରାୟତଃ ପୋଷାକ ଉପରେ ପଡ଼ି ଡ୍ରେସ୍‌ଗୁଡ଼ିକୁ ଖରାପ କରିଥାଏ। ସେଥିପାଇଁ ବର୍ଷା ଦିନରେ ସାଧାରଣତଃ ଡାର୍କ କଲର୍ ପୋଷାକ ବ୍ୟବହାର କରନ୍ତୁ। ଏପରି ସ୍ଥିତିରେ କଳା କଲର୍, ଡାର୍କ ବ୍ଲୁ, ଡାର୍କ ଗ୍ରୀନ୍ ଆଦି ରଙ୍ଗର ଡ୍ରେସ୍ ପିନ୍ଧିପାରିବେ। ଏଥିରେ ଦାଗଗୁଡ଼ିକ କମ୍ ଦୃଶ୍ୟମାନ ହୋଇଥାଏ ଯାହାଫଳରେ ଆପଣ ନିଶ୍ଚିତରେ ଏହାକୁ ପିନ୍ଧିଯାଇପାରିବେ।

## ହାଲୁକା କପଡ଼ା

ବର୍ଷା ଋତୁ ସମୟରେ ପୋଷାକର ପସନ୍ଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହାଲୁକା ଏବଂ ଶୀଘ୍ର ଶୁଖିବା ପୋଷାକ ଯେପରିକି କଟନ୍, ଶିଫନ୍ ଏବଂ କ୍ରିପ୍ କପଡ଼ାର ପୋଷାକ ଏହି ଦିନ ପାଇଁ ସର୍ବୋତ୍ତମ। ଏହି ପୋଷାକଗୁଡ଼ିକ ପିନ୍ଧିଲେ କେବଳ ଆରାମ ଦିଏ ନାହିଁ ବରଂ ଶୀଘ୍ର ଶୁଖିଯାଏ। ଯାହାଫଳରେ ବର୍ଷା ଦିନରେ ପୋଷାକ ଶୁଖିବାରେ କୌଣସି ଅସୁବିଧା ହୋଇନଥାଏ।

## ଚପଲ

ମନ୍‌ସୁନ୍‌ରେ ଚପଲ ବହୁତ ଚିନ୍ତା କରି କିଣିବା ଉଚିତ୍। ବର୍ଷାଦିନେ ବାଛିବାଛି ଜୋତା ପିନ୍ଧିବାକୁ ପଡ଼ିଥାଏ। ଚମଡ଼ା କିମ୍ବା ସୂତା ଜୋତା ବଦଳରେ ୱାଟର୍‌ପ୍ରୁଫ୍ ଚପଲ, ଫ୍ଲିପ୍-ଫ୍ଲପ୍ସ କିମ୍ବା ରବର ବୁଟ୍ ପିନ୍ଧନ୍ତୁ। ଏହି ଚପଲଗୁଡ଼ିକ ପାଦକୁ ସୁରକ୍ଷିତ ରଖିଥାଏ ଏବଂ ଷ୍ଟାଇଲିସ୍ ମଧ୍ୟ ଦେଖାଯିବେ।

## ୱାଟରପ୍ରୁଫ୍ ମେକଅପ୍

ବର୍ଷା ଦିନରେ ମେକଅପ୍ ନେବାର ପଦ୍ଧତି ମଧ୍ୟ ପରିବର୍ତ୍ତନ ହୁଏ। ଅଧିକ ଭାରୀ ମେକଅପ୍ ପରିବର୍ତ୍ତେ ହାଲୁକା ଏବଂ ୱାଟରପ୍ରୁଫ୍ ମେକଅପ୍ କରନ୍ତୁ। ୱାଟରପ୍ରୁଫ୍ ମସ୍କାରା, ଆଇଲାଇନ୍‌ର ଏବଂ ଲିପଷ୍ଟିକ୍ ବ୍ୟବହାର କରନ୍ତୁ। ଯାହାଫଳରେ ଆପଣଙ୍କର ମେକଅପ୍ ବର୍ଷାରେ ଖରାପ ହେବ ନାହିଁ। ସେଥିପାଇଁ ବର୍ଷା ଦିନରେ ୱାଟରପ୍ରୁଫ୍ ମେକଅପ୍‌ର ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଛି। ଆପଣ ଯେକୌଣସି ପାର୍ଟି କିମ୍ବା ଫଙ୍କସନକୁ ଏହିପରି ମେକଅପ୍ ନେଇଯାଇପାରିବେ।

## ହେୟାର ଷ୍ଟାଇଲ୍

ସାଧାରଣିତଃ ବର୍ଷା ଦିନରେ କେଶ ପ୍ରାୟତଃ ଫ୍ରିଜି ହୋଇଯାଏ। ଏପରିସ୍ଥିତିରେ ସିମ୍ପିଲ୍ ହେୟାର୍ ଷ୍ଟାଇଲ୍ ପୋନିଟେଲ୍, ବନ୍ କିମ୍ବା ବ୍ରେଡ୍ସ ଭଳି ସହଜ ହେୟାର ଷ୍ଟାଇଲିସ୍ କରନ୍ତୁ। ଏଥିରେ ହେୟାର୍ ବ୍ୟାଣ୍ଡ୍‌ସ ଏବଂ କ୍ଲିପ୍ ବ୍ୟବହାର କରିପାରିବେ, ଯାହା ଆପଣଙ୍କ ଲୁକ୍‌କୁ ସୁନ୍ଦର ଓ ଟ୍ରେଣ୍ଡିଂ ଦେଖାଯିବେ।

## ସ୍କିନ୍ କେୟାର

ମନ୍‌ସୁନ୍‌ରେ ତ୍ୱଚାର ଯତ୍ନ ନେବା ବହୁତ ଜରୁରୀ ହୋଇଥାଏ। ହାଲୁକା ଏବଂ ନାନ-ଗ୍ରିସି ମଶ୍ଚରାଇଜର ଲଗାନ୍ତୁ। ଦିନକୁ ଦୁଇଥର ତ୍ୱଚାକୁ ସଫା କରନ୍ତୁ। ଏହାପରେ ୱାଟରପ୍ରୁଫ୍ ସନସ୍କ୍ରିନ୍ ବ୍ୟବହାର କରିବେ। ଯାହା ଫଳରେ ଆପଣଙ୍କ ତ୍ୱଚା ସୂର୍ଯ୍ୟଙ୍କ ହାନିକାରକ କିରଣରୁ ମଧ୍ୟ ସୁରକ୍ଷିତ ରହେ।

## ରେନକୋଟ୍ ଏବଂ ଛତା

ଏହି ଦିନେ ବର୍ଷାର କୌଣସି ସମୟ ନଥାଏ। ବର୍ଷାଠାରୁ ଦୂରେଇ ରହିବା ପାଇଁ ରେନକୋଟ୍ ଏବଂ ଛତା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆଜିକାଲି ବଜାରରେ ଅନେକ ଷ୍ଟାଇଲିସ୍ ରଙ୍ଗିନ୍ ରେନକୋଟ୍ ଏବଂ ଛତା ମିଳୁଛି। ଯାହା ଆପଣଙ୍କ ମନସୁନ୍ ଲୁକ୍‌କୁ ଆହୁରି ଅଧିକ ଆକର୍ଷଣୀୟ କରିଥାଏ। ଯାହା ଆପଣଙ୍କୁ ବର୍ଷାରୁ ସୁରକ୍ଷା ଦେବା ସହିତ ଫ୍ୟାଶନେବଲ ମଧ୍ୟ ରଖିବ। ଏବେ ଟ୍ରାନ୍ସପରେଣ୍ଟ ରେନକୋଟ୍ ସହିତ ଟ୍ରାନ୍ସରପେଣ୍ଟ ଛତା ମଧ୍ୟ ମିଳୁଛି। ଆପଣଙ୍କ ପୋଷାକ ସହିତ ମ୍ୟାଚିଂ କରି ରେନକୋଟ୍ କିମ୍ବା ଫଙ୍କି ପ୍ରିଣ୍ଟେଡ୍ ଛତା ବାଛନ୍ତୁ।


## ଗୁଡ୍ ଲୁକ୍ ଆସେସୋରିଜ୍

ହାଲୁକା ଏବଂ ସିମ୍ପଲ୍ ଗୁଡ୍ ଲୁକ୍ ଆସେସୋରିଜ୍ ବର୍ଷା ଦିନରେ ପିନ୍ଧିବା ଉଚିତ୍। ଭାରୀ ଏବଂ ଜଟିଳ ଆସେସୋରିଜ୍ ପିନ୍ଧିବାଠାରୁ ଦୂରେଇ ରୁହନ୍ତୁ। ଯେମିତିକି ଛୋଟ କାନଫୁଲ, ପତଳା ଚେନ୍, କିମ୍ବା ବ୍ରେସଲେଟ୍ ପିନ୍ଧ, ଯାହା ଆପଣଙ୍କ ଲୁକ୍‌କୁ ସିମ୍ପିଲ୍ ଏବଂ ଏଲିଗେଣ୍ଟ କରିଥାଏ। ଭାରୀ ଆସେସୋରିଜ୍ ବର୍ଷା ହେତୁ ସହଜରେ ଖରାପ ହୋଇପାରେ।









## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ** – ସପ୍ତାହଟି ଶାରୀରିକ ଅସୁସ୍ଥତା ଓ କର୍ମକ୍ଷେତ୍ରରେ ନାନା ସମସ୍ୟା ଦେଖାଦେବ। ବିଦ୍ରୋହର ସୂଚନା ମିଳେ। ନିଧନ ଭୟର ଆଶଙ୍କା ରହିଛି। ପାରିବାରିକ ଜୀବନ ବ୍ୟୟବହୁଳ ଓ ଅଶାନ୍ତି ହେବ। ଚାକିରିରେ ଅସ୍ଥିରତା ଦେଖାଦେବ।

**ବୃଷ** – ସପ୍ତାହଟିରେ ଉତ୍ତମ ଫଳ ରହିଛି। ସୁଖ ସମ୍ମାନ ମିଳିବ। କର୍ମକ୍ଷେତ୍ରରେ ଉତ୍ସାହିତ ହେବେ। ଆୟ ଅବ୍ୟାହତ ରହିବ ଓ ସଞ୍ଚୟ ଯୋଗ। ପ୍ରୀତିଲାଭ ଓ ବନ୍ଧୁମିଳନ ଘଟିବ। ପାରିବାରିକ ଜୀବନ ଭୋଗବିଳାସରେ କଟିବ।

**ମିଥୁନ** – ସପ୍ତାହଟି ଉତ୍ସାହିତ ହେବେ। ସାହାଯ୍ୟ ଓ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ସାଫଲ୍ୟତା। ଆୟ ଅବ୍ୟାହତ ରହିବ। ପାରିବାରିକ ଜୀବନ ସ୍ୱଚ୍ଛଳତାରେ କଟିବ। ଭ୍ରାତୃବିବାଦର ସୂଚନା ମିଳେ। ଚାକିରିରେ ପ୍ରଶଂସା ପାଇବେ।

**କର୍କଟ** – ସପ୍ତାହଟି ବ୍ୟାକୁଳତାରେ କଟିବ। ମାନସିକ ଦୁଃଶ୍ଚିନ୍ତା ବୃଦ୍ଧିପାଇବ। ଆୟ ମଧ୍ୟମ ହେବ। ଶତ୍ରୁ ବୃଦ୍ଧିପାଇବ। କର୍ମକ୍ଷେତ୍ରରେ ବିଳମ୍ବ ଯୋଗ। କେହି ପ୍ରତାରଣା କରିବେ। ପାରିବାରିକ ଜୀବନ ନୈରାଶ୍ୟରେ କଟିବ।

**ସିଂହ** – ସପ୍ତାହଟି ସମସ୍ତ ଦିଗରୁ କ୍ଷତିର ସୂଚନା ମିଳେ। ଦ୍ରବ୍ୟ ନଷ୍ଟ ଓ ଅର୍ଥକ୍ଷୟର ଆତଙ୍କ। ଶରୀର ଆଦୌ ଭଲ ରହିବନି। କର୍ମକ୍ଷେତ୍ରରେ ବିଫଳତା। ଆୟ ହ୍ରାସ ପାଇବ। ଭୃତ୍ୟହାନୀ ଯୋଗ।

**କନ୍ୟା** – ସପ୍ତାହଟିରେ ଆପଣ ଅନେକ ସମସ୍ୟାର ମୁକାବିଲା କରିବେ। ଦେହ ଓ ମନ ଭଲ ରହିବ। କର୍ମକ୍ଷେତ୍ରରେ ଝଗଡ଼ା ସୃଷ୍ଟି ହେବ। ନିଜଲୋକେ ସହଯୋଗ କରିପାରନ୍ତି। ଆଇନ ଅଦାଲତର ସାମ୍ନା କରିବେ।

**ତୁଳା** – ସପ୍ତାହଟିରେ ଆପଣଙ୍କର ଭଲରେ କଟିବ। ଆୟ ବୃଦ୍ଧିପାଇବ। କର୍ମକ୍ଷେତ୍ରରେ ଉନ୍ନତି କରିବେ। ଦୂର ବ୍ୟକ୍ତିଙ୍କଠାରୁ ସାହାଯ୍ୟ ପାଇପାରିବେ। ଦ୍ରବ୍ୟହାନୀ ଯୋଗ। ବିବାଦୀୟ ଘଟଣାରେ ଜୟଯୁକ୍ତ ହେବେ।

**ବିଛା** – ସପ୍ତାହଟି ଆପଣଙ୍କର ଅତି ଉତ୍ତମ ହେବ। ଦେହ ଓ ମନ ଭଲ ରହିବ। କର୍ମକ୍ଷେତ୍ରରେ ଉତ୍ସାହ, ଉଦ୍ଦୀପନା ପ୍ରକାଶ ପାଇବ। ବିଭିନ୍ନ ଦିଗରୁ ଆୟର ଯୋଗ। ଉଚ୍ଚ ସମ୍ମାନ ମିଳିବ। କର୍ତ୍ତବ୍ୟ ପଥରେ ଆଗେଇବେ।

**ଧନୁ** – ସପ୍ତାହଟି ଆପଣଙ୍କର ଭଲରେ କଟିବ। କେତେକକ୍ଷେତ୍ରରେ ଅସହଯୋଗ ରହିବ। ଦେହ ଭଲ ରହିବ। ବିବାଦୀୟ ଘଟଣାରେ ଜଡ଼ିତ ହୋଇ ଅସମ୍ମାନିତ ହେବେ। ଯାନବାହନରେ କ୍ଷତି ଯୋଗ। ବନ୍ଧୁ ମତାନ୍ତର ହୋଇପାରେ।

**ମକର** – ସପ୍ତାହଟି ଖୁବ୍ ଭଲରେ କଟିବ। ଦେହ ଓ ମନ ଭଲ ରହିବ। ଧନ ଓ ସମ୍ମାନ ପାଇବେ। ସୁଖ ଓ ସମ୍ପଦ ଲାଭ କରିବେ। ପ୍ରାଧାନ୍ୟ ବଢ଼ିବ। ଦୁରୁହ କାର୍ଯ୍ୟ ସାଧିତ ହେବ। ଆୟ ଉତ୍ତମ ଆସିବ। ପାରିବାରିକ ଜୀବନରେ ଦୁଃଖ ଆସିବ।

**କୁମ୍ଭ** – ସପ୍ତାହଟିରେ ଫଳ ମଧ୍ୟମ ରହିବ। ଦେହ ସୁସ୍ଥ ରହିବ। ଏବଂ ବଦ୍‌ଖର୍ଚ୍ଚୀ ବହୁତ ହେବ। ଆଇନ ଅଦାଲତରେ ସୁଫଳ ପାଇବେ। କର୍ମକ୍ଷେତ୍ରରେ ବିରୋଧୀ ଭାବ ଦେଖାଦେବ। ବନ୍ଧୁମିଳନ ଯୋଗ। ପାରିବାରିକ ଜୀବନରେ ଅବିଶ୍ୱାସ ବଢ଼ିବ।

**ମୀନ** – ସପ୍ତାହଟିରେ ଫଳ ଉତ୍ତମ ରହିବ। ଦେହ ଓ ମନ ଭଲ ରହିବ। ପ୍ରତିଯୋଗିତାରେ ସାଫଲ୍ୟତା। କର୍ମକ୍ଷେତ୍ରରେ ଆଗେଇବେ। ଆୟ ଅବ୍ୟାହତ ରହିବ। ପଦସ୍ଥ ବ୍ୟକ୍ତିଙ୍କଠାରୁ ସମ୍ମାନ ପାଇବେ। ପାରିବାରିକ ଜୀବନରେ ସୁଖୀରହିବେ।

ପ୍ରକୃତି ଓ ପର୍ଯ୍ୟଟନ

# ପରୱାଣୁ

ହିମାଚଳ ପ୍ରଦେଶର ସୋଲନ୍ ଜିଲ୍ଲାରେ ସ୍ଥିତ ଏକ ସୁନ୍ଦର ହିଲ୍ ଷ୍ଟେସନ୍- ପରୱାଣୁ। ଏକ ଶାନ୍ଦାର ସ୍ଥାନ ବ୍ୟତୀତ ପରୱାଣୁରେ ଟ୍ରାକିଂ ଟ୍ରେଲ୍ସରୁ ଆରମ୍ଭ କରି କାର୍ ସବାରୀ କରିବା ପରି ଅନେକ ରୋମାଞ୍ଚକର ସୁବିଧା ରହିଛି। ପରୱାଣୁ ଠାରେ ଆଡୁ ଓ ସେଓର ବହୁତଗୁଡ଼ିଏ ବଗିଚା ଦେଖିବାକୁ ମିଳେ। ଖୁବ୍ ସବୁଜିମା, ଫଳ ଓ ଫୁଲ ବଗିଚା, ପାହାଡ଼ଗୁଡ଼ିକ ଦ୍ୱାରା ଘେରି ରହିଥିବା କାରଣରୁ ପରୱାଣୁର ଆଖପାଖ କ୍ଷେତ୍ରକୁ ଅନେକ ପର୍ଯ୍ୟଟକ ଆସନ୍ତି। ସେମାନେ କେବଳ ଯେ ରୋମାଞ୍ଚପ୍ରେମୀ ତାହା ନୁହେଁ, ପ୍ରକୃତିପ୍ରେମୀମାନଙ୍କ ପାଇଁ ମଧ୍ୟ ଏହା ଏକ ସୁନ୍ଦର ସ୍ଥାନ। କେବଳ ଏତିକି ନୁହେଁ, ଗୋଟିଏ ଦିନର ଟ୍ରାକ୍ ପାଇଁ ପାହାଡ଼ ଓ ଜଙ୍ଗଲ କ୍ଷେତ୍ରରେ ଥିବା ଟ୍ରାକିଂ ହିଲ୍ସଗୁଡ଼ିକର ଉପଯୋଗ କରାଯାଇଥାଏ। ପରୱାଣୁରେ ରହିଛି କେତେକ ଧାର୍ମିକ ସ୍ଥଳ, ଉଦ୍ୟାନ, କିଲ୍ଲା ଓ ପ୍ରାକୃତିକ ଆକର୍ଷଣର ସଂଯୋଜନ। ସେଥିମଧ୍ୟରୁ କେତେକ ସ୍ଥାନ ବିଷୟରେ ଜାଣିବା।









## ପିଞ୍ଜୋର ଗାର୍ଡେନ୍-

ପିଞ୍ଜୋର ଗାର୍ଡେନ୍ ସମ୍ପର୍କରେ ପିଲାଦିନେ ସମସ୍ତେ ପଢ଼ିଥିବେ। ଏହି ଗାର୍ଡେନ୍ ପଞ୍ଚକୁଲା ଠାରୁ ୧୫ କି.ମି ଦୂରରେ ଅବସ୍ଥିତ ଯାହା ଶହେ ଏକର ଜମିରେ ବ୍ୟାପି ରହିଛି। ପିଞ୍ଜୋର ଗାର୍ଡେନ୍ ତିଆରି କରିବାର କାମ ଆରମ୍ଭ ହୋଇଥିଲା ସପ୍ତଦଶ ଶତାବ୍ଦୀରେ। ବୈଶାଖ ମାସରେ ସେଠାରେ ମ୍ୟାଙ୍ଗୋ ଫେଷ୍ଟିଭାଲ୍‌ର ଆୟୋଜନ ହୁଏ। ପର୍ଯ୍ୟଟକମାନେ ସେଠିକାର ଐତିହାସିକ ସ୍ଥଳଗୁଡ଼ିକୁ ଦେଖିବା ସହିତ ପ୍ରାଣୀଉଦ୍ୟାନ, ନର୍ସରୀ ଓ ଜାପାନୀ ଗାର୍ଡେନ୍ ମଧ୍ୟ ବୁଲିପାରିବେ।





**କାଳୀମାତା ମନ୍ଦିର-** ହିନ୍ଦୁମାନଙ୍କର ମନ୍ଦିର ପରୱାଣୁର ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ। ଦେବୀ କାଳୀଙ୍କୁ ସମର୍ପିତ ଏହା ଏକ ପ୍ରାଚୀନ ମନ୍ଦିର। ନବରାତ୍ରି ଉତ୍ସବ ସମୟରେ ମନ୍ଦିର ଦର୍ଶନ କରିବାକୁ ବଡ଼ ସଂଖ୍ୟାରେ ତୀର୍ଥଯାତ୍ରୀ ପରୱାଣୁ ପହଞ୍ଚି ଥାଆନ୍ତି। ହିନ୍ଦୁ ମହାକାବ୍ୟ ମହାଭାରତରେ ପାଣ୍ଡବମାନେ ତାଙ୍କର ନିର୍ବାସନ ସମୟରେ ଆଶ୍ରୟ ନେବା ବେଳେ ଏହି ମନ୍ଦିରର ନିର୍ମାଣ କରିଥିଲେ।





## କ୍ୟାକ୍ଟସ୍ ଗାର୍ଡେନ୍-

କ୍ୟାକ୍ଟସ୍ ଗଛ ବିଷୟରେ ଆମେ ଜାଣିଛନ୍ତି। କିନ୍ତୁ ଏହି ଗଛକୁ ଦେଖିବାର ସୁଯୋଗ ବହୁତ କମ୍ ଲୋକଙ୍କୁ ମିଳିଥାଏ। ତେଣୁ କ୍ୟାକ୍ଟସ୍ ଦେଖିବା ପାଇଁ ଯଦି ଚାହୁଁଛନ୍ତି ତେବେ ପରୱାଣୁରେ କ୍ୟାକ୍ଟସ୍ ଗାର୍ଡେନ୍ ନିଶ୍ଚିତ ଭାବରେ ଦେଖିବାକୁ ଯାଆନ୍ତୁ। ଏସିଆର ଏହା ସବୁଠାରୁ ବଡ କ୍ୟାକ୍ଟସ୍ ଗାର୍ଡେନ୍ ଯେଉଁଠାରେ ୩୫୦୦ ପ୍ରଜାତିର କ୍ୟାକ୍ଟସ୍ ଗଛ ଦେଖିବାକୁ ମିଳେ।



**ଫଳ ବଗିଚା-** ପରୱାଣୁରେ ଯଦି କିଛି ନୂଆ ଅନୁଭବ ପାଇବାକୁ ଚାହିଁବେ, ତେବେ ଫଳ ବଗିଚାରେ କିଛି ସମୟ ବିତେଇ ପାରିବେ। ଶିବାଲିକ୍ ରେଞ୍ଜରେ ସ୍ଥିତ ଏହି ସ୍ଥାନରେ ଆଡୁ ଓ ସେଓ ଉତ୍ପାଦନ ପାଇଁ ସବୁବେଳେ ଅନୁକୂଳ ପାଣିପାଗ ରହିଥାଏ। ଏହା ବ୍ୟତୀତ ଆଚାର, ଜାମ୍, ଜେଲି ଓ ଅନ୍ୟ ଫଳଗୁଡ଼ିକରୁ ତିଆରି ଉତ୍ପାଦ ପାଇଁ ଏହି ବଗିଚାର ପ୍ରସିଦ୍ଧି ରହିଛି। ପିକ୍‌ନିକ୍ ସହିତ ଅଳ୍ପ ରିଲାକ୍ସ ହେବା ପାଇଁ ପରୱାଣୁ ଏକ ପସନ୍ଦଯୋଗ୍ୟ ସ୍ଥାନ ହୋଇପାରେ।

## ଟିମ୍ବର ଟ୍ରେଲ୍-

ପରୱାଣୁରେ ଭ୍ରମଣଯୋଗ୍ୟ ସ୍ଥାନ ଭାବରେ ଟିମ୍ବର ଟ୍ରେଲ୍‌ର ଅଧିକ ଚାହିଦା ରହିଛି। ବ୍ୟାକ୍‌ପ୍ୟାକର୍ ଗ୍ରୁପ୍ ଓ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଏହା ଏକ ପସନ୍ଦଯୋଗ୍ୟ ସ୍ଥାନ। ଏହି ସ୍ଥାନର ଆକର୍ଷଣ ହେଉଛି ରୋପ୍‌ୱେ ସବାରୀ। ଏଥିରେ କେବୁଲ୍ କାର୍‌ର ଏକ ଟ୍ରିପ୍‌ରେ କେବଳ ୧୨ ଜଣ ଲୋକଙ୍କୁ ବସାଇ ୧.୮ କି.ମି ଦୂର ପାହାଡ଼ ଉପରକୁ ନିଆଯାଏ।

ମନୋରଞ୍ଜନ

# ରିଲିଜ ହେଲା 'ରୁଦ୍ର-ଶକ୍ତି'ର ଟ୍ରେଲର୍

ଭୋଜପୁରୀ ସିନେମାର ଲୋକପ୍ରିୟ ଗାୟକ ବିକ୍ରାନ୍ତ ସିଂହ ରାଜପୁତ ଓ ଅଭିନେତ୍ରୀ ଅକ୍ଷରା ସିଂହଙ୍କ ଆଗାମୀ ଫିଲ୍ମ 'ରୁଦ୍ର-ଶକ୍ତି'ର ଟ୍ରେଲର୍ ରିଲିଜ ହୋଇସାରିଛି। ଏହା ଏକ କମାଲ୍ କରୁଥିବା ଟ୍ରେଲର୍ ଯେଉଁ ଫିଲ୍ମଟି ଅକ୍ଷରାଙ୍କର ଏକ ବେଷ୍ଟ ଫିଲ୍ମ ହୋଇପାରେ। ଫିଲ୍ମରେ ଅକ୍ଷରାଙ୍କ ଅପୋଜିଟ୍‌ରେ ନଜର ଆସିବେ ଅଭିନେତା ବିକ୍ରାନ୍ତ ସିଂହ ରାଜପୁତ। ଫିଲ୍ମରେ ଅକ୍ଷରା ଶକ୍ତି ଓ ବିକ୍ରାନ୍ତ ରୁଦ୍ର ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମରେ ଏମାନଙ୍କର ଏକ ଅନୋଖା ପ୍ରେମ କାହାଣୀ ଦେଖିବାକୁ ମିଳିବ। ତେବେ ଦୀର୍ଘ ଦିନ ପରେ ଅକ୍ଷରାଙ୍କର ଫିଲ୍ମ ରିଲିଜ ହେବାକୁ ଯାଉଥିବାରୁ ଦର୍ଶକମାନଙ୍କର ଉତ୍ସାହ ବୃଦ୍ଧି ହେଉଛି। ବିକ୍ରାନ୍ତ ଓ ଅକ୍ଷରା ସିଂହ ଏଥିରେ ଭଗବାନ ଶିବଙ୍କ ଭକ୍ତ ଭାବରେ ଅଭିନୟ କରିଛନ୍ତି। ଭଗବାନ ଶିବ ତାଙ୍କ ପ୍ରେମ କାହାଣୀକୁ ପୂରା କରିବେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ତେବେ ଫିଲ୍ମ 'ରୁଦ୍ର-ଶକ୍ତି'କୁ ବନାରସ୍‌ରେ ସୁଟ୍ କରାଯାଇଛି ଯେଉଁଥିରେ ରୋମାନ୍ସ, ଶିବ ଭକ୍ତି ଓ ଅନେକଗୁଡ଼ିଏ ଆକ୍ସନ୍ ଦୃଶ୍ୟ ରହିଛି। ୧୮ ଜୁଲାଇରେ ରିଲିଜ ହେବାକୁ ଥିବା ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ନିଶାନ୍ତ ସି ଶେଖର। ସିବି ସିଂହ ଓ ରାଜୀବ ସିଂହ ଫିଲ୍ମଟିକୁ ପ୍ରଡ୍ୟୁସ୍ କରିଛନ୍ତି ଓ ମନମୋହନ ତିୱାରୀ ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିବା ସହିତ ଏହାର କାହାଣୀ ଲେଖିଛନ୍ତି।



# ସୁବାଷଙ୍କ ନୂଆ ଫିଲ୍ମ


ବଲିଉଡ୍‌ର ପ୍ରସିଦ୍ଧ ନିର୍ମାତା ସୁବାଷ ଘାଇ ସୋସିଆଲ୍ ମିଡିଆ ଜରିଆରେ ତାଙ୍କର ଏକ ନୂଆ ଫିଲ୍ମର ଘୋଷଣା କରିବା ସହିତ ରିତେଶଙ୍କର ଏକ ଫଟୋ ସେୟାର୍ କରିଛନ୍ତି। ଏହି ଘୋଷଣା ପରେ ଦର୍ଶକମାନଙ୍କ ମଧ୍ୟରେ ଖୁସିର ଲହର ଦେଖିବାକୁ ମିଳୁଛି। ଫଟୋରେ ରିତେଶଙ୍କ ମୁଣ୍ଡରେ ରହିଛି ଓଢ଼ଣା, ମଥାରେ ବିନ୍ଦି ଓ ଆଖିରେ ଅଛି କାଜଲ୍। ମୁକ୍ତା ଆର୍ଟସ୍ ବ୍ୟାନର୍ ଅନ୍ତର୍ଗତ ନିର୍ମିତ ହେବାକୁଥିବା ଏହି ଫିଲ୍ମରେ ରିତେଶ ଅଭିନେତ୍ରୀ ଭୂମିକାରେ ନଜର ଆସିବେ ବୋଲି ଅନୁମାନ କରାଯାଉଥିଲେ ମଧ୍ୟ କିଛି ଦର୍ଶକ ଏହା ତାଙ୍କର ଏକ ପୁରୁଣା ଫିଲ୍ମର ଫଟୋ ବୋଲି ମନ୍ତବ୍ୟ ଦେଇଛନ୍ତି। ଫିଲ୍ମର ନାମ 'ଆପ୍‌ନା ସପ୍‌ନା ମନି ମନି' ଯେଉଁଥିରେ ତାଙ୍କ ସହିତ ଥିଲେ ସୁନିଲ୍ ସେଟ୍ଟି, ଶ୍ରେୟସ୍ ତଲପଡ଼େଙ୍କ ସମେତ କେତେଜଣ ମୁଖ୍ୟ କଳାକାର। ତେବେ ସୁବାଷ ଘାଇ ନୂଆ ଫିଲ୍ମର ଶୀର୍ଷକ ଓ କାହାଣୀ ଉପରେ କୌଣସି ତଥ୍ୟ ଦେଇନାହାନ୍ତି। ତେବେ ରିତେଶ ଶେଷ ଥର ପାଇଁ 'ହାଉସ୍‌ଫୁଲ୍-୫'ରେ ନଜର ଆସିଥିଲେ। ଏହା ପୂର୍ବରୁ ଅଜୟ ଦେବଗନ ଅଭିନୀତ ଫିଲ୍ମ 'ରେଡ୍-୨'ରେ ଏକା ସହିତ କାମ କରିଥିଲେ ରିତେଶ। ସୁବାଷ ଘାଇଙ୍କର ଶେଷ ଫିଲ୍ମଟି ରିଲିଜ ହୋଇଥିଲା ୨୦୨୨ରେ ଯାହାର ଶୀର୍ଷକ ଥିଲା '୩୬ ଫାର୍ମହାଉସ୍'। ତେଣୁ ସୁବାଷଙ୍କ ଘୋଷଣା ଦର୍ଶକମାନଙ୍କ ମନରେ ଉତ୍ସାହ ଭରି ଦେଇଛି।





# ୧୧ରେ ରିଲିଜ ହେବ 'ଆଇ ଆମ୍ କାଳିଆ'






ରାଜ୍ୟରେ ଏ ସମୟରେ ବର୍ଷା ଓ ଅନେକ ସ୍ଥାନରେ ବନ୍ୟା ପରିସ୍ଥିତିକୁ ଧ୍ୟାନରେ ରଖିବା ସହିତ ଦର୍ଶକମାନଙ୍କର ଅସୁବିଧାକୁ ହୃଦୟଙ୍ଗମ କରିବା ପରେ ମହାପ୍ରଭୁଙ୍କୁ ସମର୍ପିତ ଓ ଚର୍ଚ୍ଚିତ ସିନେମା 'ଆଇ ଆମ୍ କାଳିଆ'କୁ ରିଲିଜ କରାଯିବ ୧୧ ଜୁଲାଇରେ। ତେବେ ଏହା ମହାପ୍ରଭୁଙ୍କ ଇଚ୍ଛା ବୋଲି ଫିଲ୍ମର ନିର୍ମାତା କହିଛନ୍ତି। ଆଜିକା ସମୟରେ ମହାପ୍ରଭୁଙ୍କୁ ଖୁବ୍ ଭକ୍ତି କରୁଥିବା, ତାଙ୍କ ପାଇଁ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଦେଇଥିବା ଅନେକ ବ୍ୟକ୍ତି ଆମ ସମାଜରେ ଅଛନ୍ତି, ଯେଉଁମାନେ ଲୋକଲୋଚନକୁ ଆସିପାରନ୍ତି ନାହିଁ। ସେମିତି ଏକ ହୃଦୟସ୍ପର୍ଶୀ ସାମାଜିକ କାହାଣୀକୁ ନେଇ ଲୀ ବ୍ଲିଶ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନର ପ୍ରସ୍ତୁତ କରିଛି ଓଡ଼ିଆ ସିନେମା 'ଆଇ ଆମ୍ କାଳିଆ'। ସୁବାଷ ସାହୁଙ୍କ ଦ୍ୱାରା ପ୍ରଯୋଜିତ 'ଆଇ ଆମ୍ କାଳିଆ' ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ହରିହର ମହାପାତ୍ର, ରୁଷିଆର ଜଣେ ପ୍ରଖ୍ୟାତ ଥିଏଟର ଅଭିନେତ୍ରୀ ଅନିୟା, ବରିଷ୍ଠ ଅଭିନେତା କୁନା ତ୍ରିପାଠୀ, ଅଭିନେତ୍ରୀ ପୁଷ୍ପା ପଣ୍ଡା, ସାତ୍ତ୍ୱିକି ମିଶ୍ର ଏବଂ ଅନ୍ୟମାନେ ଅଭିନୟ କରିଛନ୍ତି। ଫିଲ୍ମର କାହାଣୀ ଡଃ ମୋନାଲିସା ମହାପାତ୍ର ରଚନା କରିଥିବା ବେଳେ ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି ହରିହର ମହାପାତ୍ର। ଏହାର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ। ଏଥିରେ ସହ-ନିର୍ଦ୍ଦେଶକ ଭାବରେ କାମ କରିଛନ୍ତି ଆଶିଷ ବେହେରା। ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ଜଣେ ବିଦେଶିନୀ ଅଭିନେତ୍ରୀଙ୍କୁ ନେଇ ନିର୍ମିତ ଏହା ହେଉଛି ଦ୍ୱିତୀୟ ଓଡ଼ିଆ ସିନେମା।

## କମ୍ପୋଜର୍ ହଂସ ଜିମ୍ମର


# ବଲିଉଡ୍‌ରେ କରିବେ ଡେବ୍ୟୁ

ବହୁପ୍ରତୀକ୍ଷିତ ଫିଲ୍ମ 'ରାମାୟଣ'ର ଇଣ୍ଟ୍ରୋଡକ୍ସନ୍ ଭିଡିଓ ଜାରି କରିଦିଆ ଯାଇଛି। ଏଥିରେ ଶ୍ରୀରାମଙ୍କ ଚରିତ୍ରରେ ଅଭିନୟ କରୁଥିବା ରନ୍‌ବୀର କପୁରଙ୍କ ଫାଷ୍ଟ ଲୁକ୍‌କୁ ଦେଖି ଦର୍ଶକମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଉଛି। ଏହା ସହିତ ରାବଣ ଭୂମିକାରେ ନଜର ଆସୁଥିବା ଦକ୍ଷିଣର ଅଭିନେତା ଯଶଙ୍କ ଉପରୁ ମଧ୍ୟ କାହାରି ନଜର ହଟୁନାହିଁ। ତେବେ ଭିଡିଓଟି ସୋସିଆଲ୍ ମିଡିଆରେ ଧୂମ୍ ମଚେଇଥିବା ବେଳେ ଲୋକମାନଙ୍କୁ ଆକର୍ଷିତ କରିଛି ଏହାର ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ ଯାହାକୁ ଦେଇଛନ୍ତି ଏଆର୍ ରହମାନ ଓ ହଲିଉଡ୍ ମ୍ୟୁଜିକ କମ୍ପୋଜର୍ ହଂସ ଜିମ୍ମର। ତେବେ ହଂସ ଜିମ୍ମର ପ୍ରଥମ ଥର କୌଣସି ବଲିଉଡ୍ ଫିଲ୍ମରେ ସିଧା ଯୋଡ଼ି ହୋଇଛନ୍ତି। ଏହା ବେଶ୍ ପ୍ରଶଂସନୀୟ। ହଂସ ୧୨ ସେପ୍ଟେମ୍ବର, ୧୯୫୭ରେ ଫ୍ରାଙ୍କଫର୍ଟ, ଜର୍ମାନୀରେ ଜନ୍ମଗ୍ରହଣ କରିଥିଲେ। ହଂସ ଏ ପର୍ଯ୍ୟନ୍ତ ୧୫୦ଟି ଫିଲ୍ମରେ ମ୍ୟୁଜିକ୍ ଦେଇସାରିଛନ୍ତି। କିନ୍ତୁ ୨୦୧୧ରେ ରିଲିଜ ହୋଇଥିବା ଫିଲ୍ମ 'ଇନ୍‌ସେପ୍ସନ୍'ରୁ ତାଙ୍କୁ ପରିଚୟ ମିଳିଥିଲା। ଦୁଇଟି ଓସ୍କାର ଆୱାର୍ଡ ଜିତି ସାରିଥିବା ହଂସ ୧୯୭୭ରେ 'ଦି ବଗଲ୍ସ ବ୍ୟାଣ୍ଡ୍' ସହିତ କାମ ଆରମ୍ଭ କରିଥିଲେ। ଏହାପରେ ଇଟାଲିଆନ୍ ବ୍ୟାଣ୍ଡ୍ 'କ୍ରିସ୍ମା' ଓ ପରେ ରେଡିଓ, ବିଜ୍ଞାପନ ପାଇଁ ଜଙ୍ଗଲ୍ସ ତିଆରି କରିଥିଲେ। ଏହିଠାରୁ ତାଙ୍କର ମ୍ୟୁଜିକ୍ କମ୍ପୋଜ କରିବାର ଯାତ୍ରା ଆରମ୍ଭ ହୋଇଥିଲା। ୧୯୮୨ରେ ଫିଲ୍ମ 'ମୁନ୍ ଲାଇଟିଂ' ପାଇଁ ଷ୍ଟେନ୍‌ଲୀ ମାୟର୍ସଙ୍କ ସହିତ ମିଶି ମ୍ୟୁଜିକ୍ କମ୍ପୋଜ୍ କରିଥିଲେ ହଂସ ଜିମ୍ମର।



# ତାମିଲ୍ ଫିଲ୍ମରେ ଅପାରଶକ୍ତି

ବଲିଉଡ୍ ଅଭିନେତା ଅପାରଶକ୍ତି ଖୁରାନା ବହୁତ ଶୀଘ୍ର କ୍ରାଇମ୍-ଥ୍ରୀଲର୍ 'ରୁଟ୍-ରନିଂ ଆଉଟ୍ ଅଫ୍ ଟାଇମ୍'ରେ ନଜର ଆସିବେ। ଏହି ଫିଲ୍ମ ଜରିଆରେ ତାମିଲ୍ ଫିଲ୍ମରେ ଡେବ୍ୟୁ କରିବେ ଅପାରଶକ୍ତି। ବର୍ତ୍ତମାନ ଚେନ୍ନାଇ ଠାରେ ସୁଟିଂ ହେଉଥିବା ଏହି ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ସୂର୍ଯ୍ୟପ୍ରତାପ ଏସ୍। ତେବେ ଫିଲ୍ମର କାହାଣୀ ବେଶ୍ ଆହ୍ୱାନପୂର୍ଣ୍ଣ ଓ ଅଲଗା। ପ୍ରତିଭାଶାଳୀ କଳାକାରଙ୍କୁ ନେଇ କାମ କରୁଥିବାରୁ ବେଶ୍ ଖୁସି ଅଛନ୍ତି ଅପାରଶକ୍ତି। ବଲିଉଡ୍‌ର ଜଣାଶୁଣା କଳାକାର ଆୟୁଷ୍ମାନ ଖୁରାନାଙ୍କ ସାନଭାଇ ଅପାରଶକ୍ତି ବଡ଼ ଭାଇଙ୍କ ଠାରୁ ପ୍ରେରଣା ପାଇଛନ୍ତି। ଏ ଦୁଇ ଭାଇ କ୍ୟାରିୟର୍ ଗଢ଼ିବାକୁ ଏକା ସହିତ ମୁମ୍ବାଇ ଆସିଥିଲେ। ଅଭିନୟ ସହିତ ଅପାରଶକ୍ତିଙ୍କ ରୁଚି ରହିଛି କ୍ରିକେଟ୍ ଖେଳରେ। ତେବେ କ୍ୟାରିୟର୍ ଫ୍ରଣ୍ଟ୍ ଦୃଷ୍ଟିରୁ ସେ 'ସ୍ତ୍ରୀ-୨' ଓ ସିରିଜ 'ଜୁବ୍‌ଲୀ' ପରେ ଚର୍ଚ୍ଚାର ପରିସରକୁ ଆସିଥିଲେ। ଅପାରଶକ୍ତି ଗମ୍ଭୀର ଭୂମିକା ଠାରୁ ଆରମ୍ଭ କରି କମେଡି ଚରିତ୍ର ପର୍ଯ୍ୟନ୍ତ ଖୁବ୍ ରଙ୍ଗ ଜମେଇଛନ୍ତି। ଅଭିନେତ୍ରୀ ବାଣୀ କପୁର, ପରେଶ ରାୱଲ୍‌ଙ୍କ ସହିତ 'ବଦ୍‌ତମିଜ୍ ଦିଲ୍'ରେ ସେ ନଜର ଆସିଥିଲେ।





# ପିଲାଙ୍କ ସ୍ୱାସ୍ଥ୍ୟକୁ ଧ୍ୟାନ ଦିଅନ୍ତୁ

ବର୍ଷାଦିନରେ ପିଲାମାନେ ଅନେକ ରୋଗର ଶିକାର ହୁଅନ୍ତି । ବିଶେଷକରି ବର୍ଷା କାରଣରୁ ଥଣ୍ଡା, ସର୍ଦ୍ଦି, କାଶ ଭଳି ରୋଗ ଦେବା ସହିତ ଜଳବାହିତ ରୋଗ ମଧ୍ୟ ଦେଖାଯାଏ । ଓଡ଼ିଶାରେ ହଇଜାର ପ୍ରକୋପ ମଧ୍ୟ ଅଧିକ ପରିମାଣରେ ଦେଖାଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ହଇଜା ମାରାତ୍ମକ ରୋଗ ଭାବରେ ପ୍ରତୀୟମାନ ହୋଇଛି । ଏଣୁ ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ସ୍କୁଲ, କଲେଜ ମଧ୍ୟ ଖୋଲିଯାଇଥିବାରୁ ନିୟମିତ ସ୍କୁଲ ଯିବା ଓ ପ୍ରତିକୂଳ ପାଗରେ ସେମାନେ କିଭଳି ସୁରକ୍ଷା ଅବଲମ୍ବନ କରିପାରିବେ, ଲକ୍ଷ୍ୟ ରଖିବା ଦରକାର । ବାହାରେ ମିଳୁଥିବା ଖାଦ୍ୟ ପ୍ରତି ମଧ୍ୟ ଦୃଷ୍ଟି ଦେବା ଦରକାର । ଏଣୁତେଣୁ ବାହାରେ ଯେମିତି ପିଲାମାନେ ଖାଇବେ ନାହିଁ, ନିଜେ ଯତ୍ନଶୀଳ ହୋଇ ସେମାନଙ୍କୁ ବାରଣ କରିବା ଦରକାର । ଘରୁ ବାହାରକୁ ଯିବା ସମୟରେ ରେନ୍‌କୋଟ୍ ରଖିବା ଦରକାର କିମ୍ବା ପିଲାଙ୍କୁ ସ୍କୁଲ ବ୍ୟାଗରେ ରେନ୍‌କୋଟ୍ ରଖି ସେମାନଙ୍କୁ ପିନ୍ଧିବା ପାଇଁ ତାଗିଦ କରିବା ଆବଶ୍ୟକ । ଯଦି ପିଲାଙ୍କ ଦେହ ଖରାପ ହେବା ଦେଖୁଛନ୍ତି, ଡ଼ାକ୍ତରଙ୍କ ପରାମର୍ଶ ନେଇ ଔଷଧ ଦେବା ଦରକାର । ଏହି ସମୟରେ ଯଦି ଟିକେ ଅବହେଳା କରିବା, ହୁଏତ ପିଲାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପାରେ । ବିଶେଷକରି ଯେଉଁ ଛୋଟପିଲାମାନେ ସ୍କୁଲ ଯାଉଛନ୍ତି, ସେମାନଙ୍କୁ ଅଧିକ ନଜର ଦେବାର ଆବଶ୍ୟକତା ରହିଛି ।







# ଅନେକ କ୍ଷେତ୍ରରେ ନୀରବ ରହିବା ଭଲ

ଆମେ ଅନେକ ସମୟରେ ପ୍ରତିକ୍ରିୟାଶୀଳ ହୋଇପଡ଼ିଥାଉ । କୌଣସି କଥାକୁ ସହଜରେ ହଜମ କରିପାରି ନଥାଉ । କେହି ଭଲରେ ଅବା ଖରାପ କହିଲେ ବି ବିରକ୍ତି ପ୍ରକାଶ କରିଥାଉ । ଅନେକ ଲୋକ କୌଣସି ଅନୀତି, ଅନ୍ୟାୟକୁ ସହି ନପାରି ବିରୋଧ କରିବା ନାଁରେ ମଧ୍ୟ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥାନ୍ତି । ବିଶେଷକରି ପ୍ରାୟ ପ୍ରତ୍ୟେକ ସଂସ୍ଥାରେ କିଛି ନା କିଛି ମନ୍ଦ ପ୍ରକୃତିର ଲୋକ ରହିଥାନ୍ତି । ସେମାନେ କୌଣସି କଥାକୁ ତିଳକୁ ତାଳ କରିବା କିମ୍ବା କଳିଗୋଳ ସ୍ୱଭାବର ଥାଆନ୍ତି । ମିଛ ସତ କହି ପରସ୍ପର ମଧ୍ୟରେ କଳି ଲଗାଇବା କିମ୍ବା ଶାନ୍ତ ବାତାବରଣକୁ ଅଶାନ୍ତ କରିବା ସେମାନଙ୍କର ପ୍ରବୃତ୍ତି ରହିଥାଏ । ଅନେକ ସମୟରେ ଆମେ ଠିକ୍ କଣ ଭୁଲ କଣ ନଜାଣି ଅନ୍ୟ କଥାରେ ପ୍ରରୋଚିତ ହୋଇ ପାଟି ଫିଟାଇଥାନ୍ତି । ବାସ୍ତବରେ ବୁଦ୍ଧିମାନ ଲୋକ ହିଁ ପରିସ୍ଥିତିକୁ ଦେଖି ଯେକୌଣସି ନିଷ୍ପତ୍ତି ନେଇଥାଏ । ସବୁ ବୁଝି ବିଚାରି କୌଣସି କଥା ପାଇଁ ପ୍ରତିକ୍ରିୟାଶୀଳ ହେବା ଆବଶ୍ୟକ । ଆମେ ହଠାତ୍ ରାଗିଯିବା କିମ୍ବା କାହାକୁ କଣ କହିବା ଉଚିତ ନୁହେଁ । ହଠାତ ରାଗିଯିବା ଫଳରେ ଯେଉଁ ବାତାବରଣ ସୃଷ୍ଟି ହୁଏ, ତାହା ଅନେକ ସମୟରେ ବିବାଦ ସୃଷ୍ଟି କରିଥାଏ । ଏଣୁ ଅନେକ ସମୟରେ ପରିସ୍ଥିତିକୁ ନିୟନ୍ତ୍ରଣାଧିନ ଆଣିବାକୁ ନୀରବ ରହିବା ଭଲ ।





# ଅଣସର ଓ ଦଇତା ନିଯୋଗ

ପ୍ରଫେସର ଡାକ୍ତର ସମ୍ରାଟ କର

ଶ୍ରୀମନ୍ଦିରରେ ପାଳନ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନ ଯାତ୍ରା ଅନ୍ୟତମ। ସ୍ନାନବେଦୀରୁ ଚତୁର୍ଦ୍ଧାମୂର୍ତ୍ତି ଓହ୍ଲାଇବା ପରେ ଅଣସର ଘରେ ବିଧି ଅନୁଯାୟୀ ପନ୍ଦର ଦିନ ପୂଜା ପାଇଥାନ୍ତି। ଅଣସର ଘର ଏକ ଅନ୍ଧାର ବା ଆବଦ୍ଧ ଘର ଏହି ଅନ୍ଧାର ଘର ମଧ୍ୟରେ ଗୋଟିଏ ମାତ୍ର ଦୀପ ଜଳୁଥାଏ। ଏହି ସମୟରେ ବିଶ୍ୱାବସୁଙ୍କ ବଂଶଧର ଦଇତା ସେବକମାନେ ଜିଉଙ୍କର ସେବା ପୂଜା କରିଥାନ୍ତି। ସାରା ବର୍ଷ ମଧ୍ୟରୁ ଏଗାର ମାସ ପତିମହାପାତ୍ର ବା ବ୍ରାହ୍ମଣ ସେବକମାନେ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ସେବାକାର୍ଯ୍ୟ ସମ୍ପାଦିତ କରୁଥିଲାବେଳେ ମାତ୍ର ଗୋଟିଏ ମାସ ଅର୍ଥାତ୍ ଆଷାଢ଼ କୃଷ୍ଣ ପ୍ରତିପଦାରୁ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ହିଁ ଦଇତାମାନେ ପ୍ରଭୁଙ୍କ ଅପୂର୍ବ ସେବା କାର୍ଯ୍ୟ ସଂପାଦିତ କରିଥାନ୍ତି।

ପ୍ରତିଅଣସର ସାଧାରଣତଃ ଦୁଇ ପ୍ରକାର। ପ୍ରତିବର୍ଷ ଅଣସର ଗୁଣ୍ଡିଚା ଆଗରୁ କରାଯାଏ। ଏହା ପନ୍ଦର ଦିନ ଧରି ପାଳିତ ହୁଏ। ଅନ୍ୟଟି ମହାଅଣସର। ନବକଳେବର ବର୍ଷ ହିଁ ପାଳିତ ହୁଏ। ମହାଅଣସର ୪୫ ଦିନ। ପ୍ରଥମ ଅଣସରରେ ପ୍ରଭୁଙ୍କର କଳେବର ପରିବର୍ତ୍ତନ ହୁଏ ନାହିଁ। ହେଲେ ମହାଅଣସରରେ ବିଗ୍ରହ ପରିବର୍ତ୍ତନ ହୋଇଥାଆନ୍ତି। ପ୍ରଭୁ ଜଗନ୍ନାଥ ମଣିଷର ପ୍ରତିନିଧିତ୍ୱ କରନ୍ତି। ସେଇଥିପାଇଁ ତାଙ୍କୁ ମଣିଷ ପରି ଭୋଗିବାକୁ ହୁଏ। ମହାବେଦୀରେ ମହାସ୍ନାନ କରିବା ପରେ ସ୍ନାନଜନିତ କ୍ଳାନ୍ତି ଯୋଗୁଁ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ ହୁଅନ୍ତି। ସେଇଥିପାଇଁ ଜିଉଙ୍କୁ ଅଣସର ଘରେ ପୂର୍ଣ୍ଣ ବିଶ୍ରାମ ଦିଆଯାଏ। ସେହି ବିଶ୍ରାମ ସମୟରେ ଜୀଉ ମାନଙ୍କର ଚିକିତ୍ସା କରାଯାଏ। ସାଧାରଣ ମଣିଷଟିଏ ଚିକିତ୍ସା ସମୟରେ ଯେପରି ସଂପୂର୍ଣ୍ଣ ବିଶ୍ରାମ ନିଏ ସେପରି ପ୍ରଭୁଙ୍କ ଚିକିତ୍ସା ସମୟରେ ହିଁ ସମ୍ପୂର୍ଣ୍ଣ ନୀରବତା ରକ୍ଷା କରାଯାଏ। କୋଳାହଳ ଏବଂ ହୋହାଲ୍ଲା ଠାରୁ ଦୂରରେ ରହିବା ପାଇଁ ପ୍ରଭୁଙ୍କର ଏହି ଗୁପ୍ତ ସେବାର ବ୍ୟବସ୍ଥା କରାଯାଏ। ଏହି ପୂଜା ଓ ସେବା ସମୟରେ ଦଇତା ନିଯୋଗ ସଂପୂର୍ଣ୍ଣ ଭାବରେ ସଜାଗ ଥାଆନ୍ତି। ପ୍ରଭୁ ଜଗନ୍ନାଥଙ୍କର ଜ୍ୱର କମାଇବା ପାଇଁ ଦଇତାମାନେ ଚେରମୂଳି ପଣା ପାଣି ସହ ଜଙ୍ଗଲର ଫଳମୂଳ ଆଦି ଜଗନ୍ନାଥଙ୍କୁ ନୈବେଦ୍ୟ ଭାବରେ ଅର୍ପଣ କରିଥାନ୍ତି। ଏସବୁ କାର୍ଯ୍ୟ ଦଇତା ନିଯୋଗମାନେ ସମ୍ପାଦିତ କରିଥାଆନ୍ତି। କାରଣ ଶ୍ରୀଜୀଉମାନେ ଅଣସର ଘରେ ଥିବାବେଳେ ଶ୍ରୀମନ୍ଦିରରେ ଅଭଡ଼ା ଅନ୍ନ ଭୋଗ ହୁଏନା।

ଅଣସର ଘରେ ଜୀଉମାନେ ପନ୍ଦର ଦିନ କାଳ ରହିଥାଆନ୍ତି। ଏହି ସମୟରେ ଦଇତା ସେବାୟତମାନେ ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ସେବାପୂଜା, ରୀତିନୀତି କରିଥାଆନ୍ତି। ଏହି ପୂଜା ଏକ ମହାନ ଦାୟିତ୍ୱବୋଧର ବାର୍ତ୍ତାବାହିନୀ। ଆଷାଢ଼ ପ୍ରତିପଦାରୁ ଚତୁର୍ଥୀ ଯାଏ ଅଣସର ଘରେ ଜୀଉଙ୍କ କରାଳ କର୍ମ ଅନୁଷ୍ଠିତ ହୁଏ। ଏହା ହେଉଛି ଦାରୁଦେବତାଙ୍କ ମରାମତି ଓ ଅଙ୍ଗଫିଟା କର୍ମ। ଜୀଉଙ୍କ ଅଙ୍ଗରେ ଥିବା ପୁରୁଣା ବସ୍ତ୍ରକୁ ଫିଟାଇ କରାଳ କର୍ମ ସମ୍ପାଦିତ କରିଥାନ୍ତି। ସେପରି କ୍ରମିକ ସଂଖ୍ୟା ୧୬ରେ ଉଲ୍ଲେଖ ଅଛି ଦତ୍ତ ଖଟଣି ନିଯୋଗମାନେ ଶ୍ରୀମୁଖ ଶୃଙ୍ଗାର କାର୍ଯ୍ୟ ସମ୍ପାଦନା କରିଥାନ୍ତି। ଧର୍ମପଦରେ ଉଲ୍ଲେଖ ଅଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କର ସ୍ନନା ପୂର୍ଣ୍ଣିମାର ଗୁପ୍ତପୂଜା ଠାରୁ ଆରମ୍ଭ କରି ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପରେ ପୁନରାୟ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମସ୍ତ ପୂଜାପାଠ ଏହି ଦଇତା ନିଯୋଗଙ୍କ ଦ୍ୱାରା ସମାପନ ହୋଇଥାଏ। ଆଦିବାସୀ ସଂସ୍କୃତିରେ ଉଲ୍ଲେଖ ଅଛି ପୁରୀରେ ବସବାସ କରୁଥିବା ସମସ୍ତ ଦଇତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବକ। ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣରେ ଏହି ଦଇତାମାନେ ବିନିଯୋଗ ହୋଇଥିଲେ। ଏପରି ମନ୍ଦିର ନିର୍ମାଣ ପାଇଁ ପଥରଖଣ୍ଡ ସେ ବୋହିଥିଲେ। କଥିତ ଅଛି - ଦଇତାମାନେ ହିଁ ଶବର ରାଜ ବିଶ୍ୱାବସୁଙ୍କ ବଂଶଧର। ଏହି ସମୟରେ ପ୍ରତି ମହାପାତ୍ରମାନେ ଭୋଗ ଲଗାନ୍ତି। ପତିମହାପାତ୍ରଙ୍କୁ ବିଦ୍ୟାପତିଙ୍କ ବଂଶଧର ବୋଲି କହନ୍ତି। ପ୍ରଭୁ ଜଗନ୍ନାଥ ଶବର ଦେବତା। ନବକଳେବର ସମୟରେ ତିନି ବାଡ଼ରେ ରହି ଆଜ୍ଞାମାଳ ନେଇ ଦାରୁ ଖୋଜିବା କାର୍ଯ୍ୟ ଆରମ୍ଭ କରନ୍ତି। ଏପରିକି ବନଜାଗ ବେଳେ ବିଦ୍ୟାପତି ରୂପରେ ବରଣ ହୋଇଥାନ୍ତି। ଜାଗ ସମାପନ ପରେ ସୁନା କୁରାଢ଼ିରେ ଦାରୁ ସ୍ପର୍ଶ କରନ୍ତି। ସୁଦର୍ଶନ ଦାରୁର ସମସ୍ତ କାର୍ଯ୍ୟ ସମ୍ପାଦନ କରନ୍ତି ଏହି ପତି ମହାପାତ୍ର। ତେବେ ବର୍ଷକରେ ଏହି ଗୋଟିଏ ମାସ ଦଇତା ନିଯୋଗଙ୍କ ସେବା ଓ ପୂଜାରେ ଶ୍ରୀଜୀଉମାନେ ସୁସ୍ଥ ହୋଇ ପୁନରାୟ ଏଗାର ମାସ କାଳ ଭକ୍ତଜନଙ୍କୁ ନିବିଡ଼ ଭକ୍ତିଡୋରିରେ ବାନ୍ଧି ଦିଅନ୍ତି।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,**
**ପୁରୀଘାଟ ରୋଡ଼, କଟକ,**
**ଦୂରଭାଷ : ୯୧୩୨୪୩୩୩୩୩**



■ ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ବର୍ଷାଋତୁର ଶିଶୁରୋଗ ଓ ପ୍ରତିକାର

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ









**'ନବମାସ ଧୃତଂଗର୍ଭ ଭାସ୍କରସ୍ୟ ଗଭସ୍ତିଭି, ପିତ୍ୱାରସ ସମୁଦ୍ରାଣାଂ ଦୟୈ ପ୍ରସୁତ ରସାୟନମ୍' ନମାସ ଧରି ଆକାଶ ସମୁଦ୍ରର ଜଳକୁ ସୂର୍ଯ୍ୟ ରଶ୍ମି ଦ୍ୱାରା ଗ୍ରହଣ କରି ଏବେ ତରଳି ଶିଶୁକୁ ଜନ୍ମ ଦେଉଛି। ଯାହାକି ଜୀବନର ଅମୃତ ସଦୃଶ । ବର୍ଷାଋତୁର ବର୍ଣ୍ଣନା ଓ ଏହାର ସୌନ୍ଦର୍ଯ୍ୟ ଛଳ ଓ ଲାଳିତ୍ୟରେ କବି ବିଭୋର ହୋଇ ଅନେକ କାବ୍ୟ କବିତା ରଚନା କରିଛନ୍ତି । କିନ୍ତୁ ଶିଶୁମାନଙ୍କ ପାଇଁ ଏହା ସାସ୍ଥ୍ୟପ୍ରଦ ଋତୁ ହୋଇ ନଥାଏ। ଏହି ସମୟରେ ସାସ୍ଥ୍ୟ ବିଭାଗ, ଡାକ୍ତର ସାସ୍ଥ୍ୟ କର୍ମୀ ସମସ୍ତେ ଯେ କୌଣସି ଆକସ୍ମିକ ରୋଗ ସଂକ୍ରମଣକୁ ମୁକାବିଲା କରିବା ପାଇଁ ସଜାଗ ହୋଇରହିଥାନ୍ତି। ରୋଗ ଔଷଧ ବିକ୍ରୀ ଓ ରୋଗ ସମ୍ବନ୍ଧୀୟ ସମସ୍ତ ବ୍ୟବସାୟର ଆଶାତୀତ ବୃଦ୍ଧି ଦେଖାଯାଏ। ଏସବୁର କାରଣ ଅନ୍ୟାନ୍ୟ ଅପେକ୍ଷା ବର୍ଷା ଋତୁରେ ରୋଗ ଓ ରୋଗୀ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଥାଏ। ଋତୁର ପରିବର୍ତ୍ତନ ହେତୁ ପରିବେଶରେ ନିମ୍ନଲିଖିତ ପରିବର୍ତ୍ତନ ଦେଖାଦିଏ।**

- ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଯାଏ, ଉତ୍ତାପ ଅଧିକ ଥାଏ। ଏହାଫଳରେ ଶରୀର ମଧ୍ୟରୁ ନିଷ୍କାସିତ ହେଉଥିବା ଝାଳ ବାୟୁମଣ୍ଡଳକୁ ପ୍ରବେଶ କରି ପାରେନାହିଁ। ଏହା ବାଷ୍ପୀଭୂତ ନହେବା ଫଳରେ ଶରୀରର ଶୀତଳ ହୁଏନାହିଁ ଓ ଅଧିକ ଗରମ ଅନୁଭୂତ ହୁଏ ଏହାକୁ ଗୁଳୁଗୁଳି କୁହାଯାଏ। ଏହାଫଳରେ ଅନେକ ଚର୍ମରୋଗ ଦେଖାଯାଏ ।
- ଭୂତାଣୁ, ଜୀବାଣୁ, କୀଟାଣୁ, ପାରାସାଇଟ୍ କୀଟ, ପତଙ୍ଗ ସମସ୍ତଙ୍କର ବଂଶ ବୃଦ୍ଧି ଆଶାତୀତ ବୃଦ୍ଧି ପାଏ, ଏହା ପ୍ରଜନନ ଋତୁ। ତେଣୁ ରୋଗ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇଥାଏ ।
- ବର୍ଷାଜଳ, ନଦୀ, ପୁଷ୍କରିଣୀ, ନାଳ, ନର୍ଦ୍ଦମା ସବୁକୁ ଏକାକାର କରିଦିଏ। ଏପରିକି ପ୍ରଥମ ହେଉଥିବା ବର୍ଷାଜଳ ଅମ୍ଳଯୁକ୍ତ ହୋଇ ଦୂଷିତ ଜଳ ବର୍ଷା ହୋଇଥାଏ।
- ସାପ, ବିଛା, ବିଷାକ୍ତ କୀଟ ଏମାନଙ୍କର ବିଲରେ ଜଳ ପ୍ରବେଶ ଫଳରେ ସେମାନେ ଗୃହ ମଧ୍ୟରେ ପ୍ରବେଶ କରନ୍ତି । ଓ ସର୍ପ ଦଂଶନ, କୀଟ ଦଂଶନ ଇତ୍ୟାଦିର ପ୍ରକୋପ ଦେଖାଦିଏ ।
- ବର୍ଷା ହେତୁ ଭୂସ୍ଖଳନ, ବାଦଲଫଟା ବର୍ଷା ହେତୁ ଆକସ୍ମିକ ବନ୍ୟା। ଦୁର୍ବଳ ଗୃହ ଭୁଷୁଡ଼ି ପଡ଼ିବା, ଜଳରେ ସଳିଳ ସମାଧି ନେବା, ଅନେକ ଦୁର୍ଦ୍ଦଶା ଦେଖାଯାଏ ।





ବର୍ଷା ଋତୁର ଶିଶୁମାନଙ୍କ ପ୍ରଧାନ ରୋଗ ମାନଙ୍କ ମଧ୍ୟରୁ ଥଣ୍ଡା ବା ସର୍ଦ୍ଦି ରୋଗ ପ୍ରଧାନ। ଏହାପ୍ରାୟ ଦୁଇଶହ ପ୍ରକାରର ଭୂତାଣୁ ହେତୁ ହୋଇଥାଏ। ସେମାନଙ୍କ ମଧ୍ୟରୁ ରାଇନୋଭାଇରସ୍ ପ୍ରଧାନ। ଇନ୍ଫ୍ଲୁଏଞ୍ଜା ଭାଇରସ୍ ମଧ୍ୟ ଏହି ସମୟରେ ଦେଖାଯାଇଥାଏ। ଏହି ଭୂତାଣୁ ନିଶ୍ୱାସ ପ୍ରଶ୍ୱାସ, ଛିଙ୍କ, କାଶ ଓ ସ୍ପର୍ଶ ଦ୍ୱାରା ବ୍ୟାପିଥାଏ। ଗେହ୍ଲା କରିବା ଫଳରେ, ଏକା ରୁମାଲରେ ମୁହଁ ପୋଛିବା ଫଳରେ, ଗୋଟିଏ କୋଠରିରେ ରହିବା ଫଳରେ ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ଡେଇଁଥାଏ। ଶରୀରରେ ରୋଗ ପ୍ରତିରୋଧ ଶକ୍ତି ନଥିବାରୁ ଶିଶୁମାନଙ୍କୁ ରୋଗ ଅଧିକ ଦିନ ରହିବା ସହିତ ଅନ୍ୟାନ୍ୟ ଉପସର୍ଗ ଦେଖାଦିଏ। ଥଣ୍ଡା ପରେ ଶ୍ୱାସ, କାନପଚା, ନିଉମୋନିଆ ଇତ୍ୟାଦି ବୃଦ୍ଧି ପାଇଥାଏ। ପ୍ରଥମେ ଥଣ୍ଡାରୋଗରେ ନାକରୁ ପାଣିବାହାରେ, କାଶ, ତଣ୍ଟିଘା, ଦେହ ହାତ ବ୍ୟଥା ଓ ଭୋକ ହୋଇନଥାଏ ଜ୍ୱର ମଧ୍ୟ ଶିଶୁମାନଙ୍କ ଠାରେ ଦେଖାଯାଇଥାଏ।

ରୋଗ ସଂକ୍ରମଣର ୧୬ଘଣ୍ଟା ପରେ ଦେହ ହାତ ବିନ୍ଧା ହୋଇଥାଏ। ଦୁଇଦିନ ପରେ ନାକରୁ ପାଣି ବାହାରି ଛିଙ୍କ କାଶ ହୋଇଥାଏ। ସାତରୁ ଦଶ ଦିନ ମଧ୍ୟରେ ମନକୁ ମନ ରୋଗ ଭଲ ହୋଇଯାଏ। ସମୟ ସମୟରେ କାଶ ୨୧ରୁ ୨୫ ଦିନ ପର୍ଯ୍ୟନ୍ତ ରହିଥାଏ। ଯେହେତୁ ଥଣ୍ଡା ରୋଗଟି ଭୂତାଣୁ ଜନିତ କୌଣସି ଔଷଧ ଆବିଷ୍କୃତ ହୋଇନାହିଁ। ଜ୍ୱର, ଦେହ ବ୍ୟଥା ପାଇଁ, ଔଷଧ ଦେବା ଉଚିତ। ଭିଟାମିନ ସି ର ବିଶେଷ ଭାବରେ ଉପକାରୀ। ଆଣ୍ଟିବାଓଟିକ୍ର ବ୍ୟବହାର ଫଳରେ କୌଣସି ଉପକାର ମିଳିନଥାଏ। ଇନ୍ଫ୍ଲୁଏଞ୍ଜା ରୋଗ ଫଳରେ ଅଧିକ ଜ୍ୱର ଓ ଶ୍ୱାସକଷ୍ଟ ଦୁର୍ବଳତା ଅନୁଭୂତ ହୋଇଥାଏ। ଯାହାକି ଜୀବନପ୍ରତି ବିପଦ ସୃଷ୍ଟି କରିଥାଏ।

ପ୍ରତିଷେଧକ : ଥଣ୍ଡା ଓ ଇନ୍ଫ୍ଲୁଏଞ୍ଜାରୁ ରକ୍ଷା ପାଇବା ପାଇଁ ଶିଶୁକୁ ଥଣ୍ଡା ରୋଗୀ ଠାରୁ ଦୂରେଇ ରଖନ୍ତୁ। ତାର ମୁଖରେ ଚୁମା ଦେବା, ଓ ତାର ମୁଖ, ଗାଲ ଇତ୍ୟାଦି ଛୁଇଁବା ଅନୁଚିତ, ମାଙ୍କୁ ଥଣ୍ଡା ହୋଇଥିଲେ ମା' ମାସ୍କ ବ୍ୟବହାର କରିବା ଉଚିତ। ଅବଶ୍ୟ ମାର କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

ବର୍ଷାଋତୁରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ପ୍ରକୋପ ବୃଦ୍ଧି ହୋଇଥାଏ। ଔଷଧ ଛଡ଼ା ମଶାରୀର ବ୍ୟବହାର, ରକ୍ତ ପରୀକ୍ଷା ଓ ଠିକ୍ ସମୟରେ ଔଷଧ ବ୍ୟବହାର ମ୍ୟାଲେରିଆରୁ ରକ୍ଷା କରିଥାଏ। ମଶା ଧୂପ, ଓ ଲିକ୍ୟୁଏଡଟର ମଶାକ୍ରିମ ଓ ତେଲ ମଧ୍ୟ ବ୍ୟବହାର କରାଯାଇପାରେ। ଶିଶୁର ଅସୁସ୍ଥତା ପାଇଁ ଦୂଷିତ ଜଳ ଅନେକ ପରିମାଣରେ ଦାୟୀ। ଏହାଫଳରେ ତରଳ ଝାଡ଼ା, ଜଣ୍ଡିସ୍, କୃମୀ ରୋଗ, ଟାଇଫଏଡ୍, ଲେପ୍ଟୋସ୍ପାଇରୋସିସ୍ ଇତ୍ୟାଦି ରୋଗ ଦେଖାଦେଇଥାଏ।

ପ୍ରତିକାର : ବର୍ଷା ଋତୁରେ ଶିଶୁମାନଙ୍କ ରୋଗରୁ ରକ୍ଷା ପାଇବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଅତି ଦରକାର। ନିଜର ହାତ, ବାସନକୁସନ, ସାବୁନ ଦ୍ୱାରା ସଫା କରିବା ଉଚିତ। ବର୍ଷାରେ ଓଦା ହେବା ପରେ କିମ୍ବା ବାହାର ନର୍ଦ୍ଦମା ପାଣି ମଧ୍ୟରେ ଓଦା ହୋଇ ଆସିବାପରେ, ସଫା ହୋଇ ଗାଧୋଇବା ସଫାସୁତୁରା ରହିବା ଦରକାର, ଖାଇବାକୁ ଦେବା ପୂର୍ବରୁ ଗରମ ପାଣିରେ ବାସନ ଧୋଇବା ଉଚିତ। ମାଛି ପ୍ରତି ସତର୍କତା ଗ୍ରହଣ କରିବା ଉଚିତ। ମଶାରୀ ବ୍ୟବହାର, ଫୁଟା ପାଣି ବ୍ୟବହାର କରିବା ଜରୁରୀ। ସବୁଜ ପନିପରିବା ଖାଇବା ଓ ଅଧିକ ବିଶୁଦ୍ଧ ଜଳ ପାନ କରିବା ଉଚିତ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪

ମହକ

# ଶିଶୁ ସୃଜନର ଅମୃତ ସ୍ୱର : ମେଧା ପ୍ରତିଭା ସାଦ୍ୟାନ୍ତ ଶତପଥୀ

ଶିଶୁମାନେ ଆମ ଦେଶ ଭାରତ ବର୍ଷର ଭବିଷ୍ୟତର ନାଗରିକ ଓ କର୍ଣ୍ଣଧାର ଆଉ ଅମୂଲ୍ୟ ସମ୍ପଦ। ଶିଶୁ ହସିଲେ ଦୁନିଆ ହସିବ ତେଣୁ ଆମେ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ସହ ସେମାନଙ୍କ ସ୍ୱପ୍ନ, ଇଛା ତଥା ଶିଶୁ ସୃଜନକୁ ଅନୁଭବ କରି ସେହି ଦିଗରେ ତାଙ୍କୁ ଉତ୍ସାହିତ ବା ପ୍ରେରଣା ଦେବା ଜରୁରୀ। ଏହାହିଁ ବିକାଶର ବାସ୍ତବ ଚିତ୍ର ଓ ଆମ ସମୟର ଆହ୍ୱାନ। ଶୈଶବରୁ ସେମାନେ ନମ୍ରତା, ସାଧୁତା, କର୍ତ୍ତବ୍ୟପରାୟଣତା, ସତ୍ୟବାଦିତା, ସମାଜସେବା ଓ ଦେଶଭକ୍ତି ଆଦି ଶୋଭନୀୟ ଗୁଣଗୁଡ଼ିକ ଗ୍ରହଣ କରିବା ଜରୁରୀ। ନିଜର ଶିକ୍ଷା ସହ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଆଦିରେ ଆଗ୍ରହ ପ୍ରକାଶ କରି ଅଧୁନା ପ୍ରତିଯୋଗିତା ମୂଳକ ସମୟରେ ଖୁବ କୃତିତ୍ୱ ଅର୍ଜନ କରି ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ମେଧାଛାତ୍ର, କୁନି ଲେଖକ ତଥା ଚିତ୍ରଶିଳ୍ପୀ ସାଦ୍ୟାନ୍ତ ଶତପଥୀ ଯେକି ଏକ ଅନନ୍ୟ ଶିଶୁ ପ୍ରତିଭା। ପିତା ଶୁଭ ନାରାୟଣ ଶତପଥୀ ଓ ମାତା ଧର୍ମପ୍ରାଣା ସୋନାଲି ହୋତାଙ୍କ ଅମୀୟ ଅଙ୍କ ମଣ୍ଡନ କରି ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ବେଣ୍ଟପୁର ପଞ୍ଚାୟତ ଉପକଣ୍ଠ ବିଜିପୁର ଗ୍ରାମରେ ୨୦୧୩ ମସିହାରେ ଜନ୍ମ ଗ୍ରହଣ କରନ୍ତି। ପିଲାଟି ଦିନରୁ ତାଙ୍କର ପାଠପଢ଼ା ପ୍ରତି ଯେତିକି ଆଗ୍ରହ ଠିକ ସେମିତି ଚିତ୍ରକଳା, ଗଳ୍ପ ଓ କବିତା ଲିଖନ, ବକ୍ତୃତା ଓ ବିଜ୍ଞାନ ପ୍ରକଳ୍ପ ଉପସ୍ଥାପନା ଆଦି ଅନେକ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଥିବା ସହ ଅଧୁନା ପୁରୀ ସ୍ଥିତ ମଦର୍ସ ପବ୍ଲିକ ସ୍କୁଲ ସପ୍ତମ ଶ୍ରେଣୀରେ ଶିକ୍ଷା ଲାଭ କରୁଅଛନ୍ତି। ବହୁମୁଖି ପ୍ରତିଭା ସାଦ୍ୟାନ୍ତ ସୁନ୍ଦର ଚିତ୍ରକଳା ବା ଦୃଶ୍ୟରାଜିର ସୁନ୍ଦର ଓ ଚିତ୍ତାକର୍ଷକ ଚିତ୍ର ଆଙ୍କି ପାରନ୍ତି। ତାଙ୍କର ଅନେକ ଚିତ୍ରାଙ୍କନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶିତ। ଏଥିପାଇଁ ସେ ଲାଭ କରିଛନ୍ତି ଅନେକ ପ୍ରଶଂସା ଓ ପୁରସ୍କାର। ସ୍କୁଲର ପାଠ୍ୟ ଖସଡ଼ା ଅନୁଯାୟୀ ପଢ଼ିବା ସହ ଅନ୍‌ଲାଇନ୍‌ରେ ସମସ୍ତ ପ୍ରତିଯୋଗିତାରେ ଭାଗନେବା ଏବଂ ଶ୍ରେଣୀ ପ୍ରମୋସନ ପରୀକ୍ଷାରେ ଖୁବ୍ ସଫଳତା ଲାଭ କରୁଛନ୍ତି। ତାଙ୍କ ଚିତ୍ରାଙ୍କନ ମାଧ୍ୟମରେ କରୋନା ଭୂତାଣୁ ସମ୍ବନ୍ଧୀୟ ଜନସେଚନତା, ପରିବେଶ ସୁରକ୍ଷା ବାର୍ତ୍ତା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିତ୍ରଲିପି ଖୁବ୍ ପ୍ରଶଂସନୀୟ ଆଉ ସମାଜ ପାଇଁ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ କରେ। ସେ ତାଙ୍କ ପିତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବୃକ୍ଷରୋପଣ ଏବଂ ପ୍ରକୃତି ସୁରକ୍ଷା ଦିଗରେ ମଧ୍ୟ ଖୁବ୍ ଯତ୍ନଶୀଳ ହେବ ସହିତ ଅନ୍ୟ ମାନଙ୍କୁ ପ୍ରେରଣ ପ୍ରଦାନ କରନ୍ତି। ଖୁବ୍ କମ୍ ବୟସରୁ ତାଙ୍କ ବହୁମୁଖି ପ୍ରତିଭା ଓ ଉନ୍ନତ ଚିନ୍ତାଧାରା ପାଇଁ ତାଙ୍କ ପରିବାର, ସାଙ୍ଗସାଥୀ, ଗୁରୁଜନ ବର୍ଗ, ବିଦ୍ୟାଳୟ ତଥା ସ୍ଥାନୀୟ ଅଞ୍ଚଳରେ ସମସ୍ତେ ଗର୍ବିତ। ଆଉ ଏହି ଦିଗରେ ତାଙ୍କୁ ଉତ୍ସାହ ପ୍ରଦାନ ପୂର୍ବକ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କ ମାତା ଏବଂ ପିତା ଉଭୟ ସାଙ୍ଗରେ ନେଇ ବହୁ ପ୍ରତିଯୋଗିତା ବା କାର୍ଯ୍ୟକ୍ରମ ମାନଙ୍କରେ ଭାଗ ନେବାର ସୁଯୋଗ ଦେଇଛନ୍ତି ଏଣୁ ସାଧାରଣରେ ଏହି ମହତ କାର୍ଯ୍ୟକୁ ଖୁବ ପ୍ରଶଂସା କରାଯିବା ସହ ସବୁ ଅଭିଭାବକମାନେ ଏହିପରି ପିଲାମାନଙ୍କୁ ଆଗ୍ରହ, ଉତ୍ସାହ ପ୍ରଦାନ ଜରୁରୀ। ତାଙ୍କର ବହୁ କବିତା, ଗଳ୍ପ ବିଭିନ୍ନ ପତ୍ରପତ୍ରିକା ମାନଙ୍କରେ ପ୍ରକାଶିତ ହୋଇ ଖୁବ୍ ପାଠକୀୟ ସ୍ୱୀକୃତି ଲାଭ କରିଛି। ୨୦୨୩ ମସିହାରେ ତାଙ୍କ ଲିଖିତ ଓଡ଼ିଆ ଶିଶୁ ଗଳ୍ପ ସଂକଳନ 'ସାଦ୍ୟାନ୍ତ ଗଳ୍ପମାଳା' ଓ ୨୦୨୪ ମସିହାରେ ତାଙ୍କ ଦ୍ୱାରା ଲିଖିତ ଶିଶୁ ଉପାଦେୟ ଇଂରାଜୀ ଗଳ୍ପ ସଂକଳନ 'ଡୋଣ୍ଟ ଜଜ୍ ଦି ବୁକ୍ ବାଏ ଇଟିସ୍ କଭର' ପ୍ରକାଶିତ ହୋଇଛି । ସାମାଜ ଓ ପରିବେଶର ବିଭିନ୍ନ ପରିସ୍ଥିତିରୁ ଶିକ୍ଷାଲାଭ କରି ରଚନା କରିଛନ୍ତି ସୁନ୍ଦର ସୁନ୍ଦର ଗଳ୍ପ ଓ କବିତା। ଯାହା ମୀନାବଜାର, ମୋ ଆଶା, ଶିଶୁ ସମାଚାର, ବାନରସେନା, ସମ୍ବାଦ ଫୁଲଝରି, ପ୍ରମେୟର ପ୍ରଜାପତି, ସକାଳର ସୁମନ, ପ୍ରଗତିବାଦୀର ଫ୍ୟୁଚର କିଡ୍ସ, ଦି କଳିଙ୍ଗ କ୍ରନିକିଲ, ଦି କମନ୍ ଟାଇମ୍ସରେ ସ୍ଥାନ ପାଇଛି। କୋଭିଡ ସମୟରୁ ୮ ବର୍ଷ ବୟସରୁ ସାଦ୍ୟାନ୍ତ ନିରନ୍ତର ଗଳ୍ପ ଲେଖି ଏହି ସଫଳତା ହାସଲ କରିଛନ୍ତି । ବିଭିନ୍ନ ଖବରକାଗଜ ଶିଶୁ ପତ୍ରପତ୍ରିକାର ସମ୍ପାଦକମାନଙ୍କ ପ୍ରୋତ୍ସାହନ ତଥା ଉତ୍ସାହ ତାଙ୍କୁ ଆଗକୁ ବଢିବାରେ ସହାୟକ ହୋଇଛି ବୋଲି ସେ କୁହନ୍ତି। ତାଙ୍କ କୃତି ସମୂହକୁ ସମ୍ମାନ ଜଣାଇ ଅନେକ ସମାଜିକ, ସାହିତ୍ୟ ସଂଗଠନ ଠାରୁ ସେ ହୋଇଛନ୍ତି ସମ୍ମାନିତ ଓ ପୁରସ୍କୃତ। ସେ କୁନି ଲେଖକ ଭାବରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ସର୍ବସଫଳତା ନିମନ୍ତେ ନିକଟରେ ସ୍ୱେଚ୍ଛାସେବୀ ସଂଗଠନ ପିକକ ଭୁବନେଶ୍ୱରଙ୍କ ତରଫରୁ ତାଙ୍କୁ ଡଃ. ପ୍ରଫୁଲ୍ଲ ଚନ୍ଦ୍ର ଦାସ ମେମୋରିଆଲ ଶିଶୁ ପ୍ରତିଭା ସମ୍ମାନ ଓ ରେବାରାୟ ଫାଉଣ୍ଡେସନ କଟକ ତରଫରୁ ଶୁକଦେବ ଷଡଙ୍ଗୀ ନବପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ଜିଲ୍ଲା ପ୍ରଶାସନ, ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ୍, ବାନର ସେନା,ଶିଶୁ ସମାଚାର, ମୋ ଆଶା,ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ବିଜନର, ଷ୍ଟୋରି ମିରର, ଫିନଲ୍ୟାଣ୍ଡ ଗୁଜୁରାଟି ସାମାଜ, ଔରଙ୍ଗାବାଦ ସ୍ଥିତ ବିଦ୍ୟା ଅରଣ୍ୟମ, ରୋଟାରୀ କ୍ଲବ, ସ୍ଥାନୀୟ ଗ୍ରାମ ପଞ୍ଚାୟତ, ନ୍ୟୁୟର୍କ ସ୍ଥିତ କନ୍‌ସଲେଟ ଜେନେରାଲ ଅଫ ଇଣ୍ଡିଆ ଓ ଗାନ୍ଧୀ ମେମୋରିଆଲ ସୋସାଇଟ୍, ଓଡିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଆଦି ଅନେକ ରାଜ୍ୟ, ଜାତୀୟ ଆନ୍ତର୍ଜାତୀୟ ସଂସ୍ଥା ତାଙ୍କୁ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ଏହା ଛଡା ସେ ଓଡ଼ିଶା ରାଜ୍ୟ ଶିଶୁ ସାହିତ୍ୟ ଗବେଷଣା ପରିଷଦ ଭୁବନେଶ୍ୱର, ଜାତୀୟ ଶିଶୁ ଅଧିକାର କମିଶନ, ଓଡ଼ିଶା ଶିଶୁ ସାହିତ୍ୟ ଗବେଷଣା ପରିଷଦ ଭୁବନେଶ୍ୱର, ଆନ୍ତର୍ଜାତିକ ଶିଶୁ ଚଳଚିତ୍ର ମହୋତ୍ସବ, ଜିଲ୍ଲା ପ୍ରଶାସନ ପୁରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆଦି ବିଭିନ୍ନ ସଙ୍ଗଠନ ପକ୍ଷରୁ ରାଜ୍ୟ ତଥା ଜାତୀୟ ପ୍ରତିଯୋଗୀତାରେ ପୁରସ୍କାର ଲାଭ କରି ସମଗ୍ର ରାଜ୍ଯ ପାଇଁ ଗୌରବ ଆଣି ପାରିଛନ୍ତି। କୁନି ପ୍ରତିଭାଙ୍କ ସ୍ୱପ୍ନ ହେଉ ସଫଳ, ସମାଲବ୍ଧ ଆଉ ଶୁଭଙ୍କର। ତାଙ୍କ କୃତୀତ୍ୱକୁ ଶ୍ରଦ୍ଧା ସ୍ୱୀକୃତି ସ୍ୱରୂପ ବହୁ ସଙ୍ଗଠନ କୃତଜ୍ଞତା ଜ୍ଞାପନ କରିବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ତାଙ୍କ ପିତା ମାତାଙ୍କର ସହଯୋଗରେ ସାଦ୍ୟାନ୍ତଙ୍କ କଠିନ ପରିଶ୍ରମ ହେଉ ସାକାର ଏବଂ ପ୍ରତିଭାର ବାସ୍ତବ ପରିଚୟ ସ୍ୱରୁପ ଏହି ଶିଶୁ ପ୍ରତିଭା ପ୍ରତିଯୋଗୀ ମୂଳକ ସମୟରେ ସମାଜରେ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରନ୍ତୁ ଏତିକି ପ୍ରାର୍ଥନା।



# ନବ ବୈକୁଣ୍ଠ ଭାବଧାରାରେ କୋଇଲି ବୈକୁଣ୍ଠ

■ ହୃଷିକେଶ ପୁହାଣ

'କୋଇଲି' ଶବ୍ଦଟି ଆମ ଓଡ଼ିଆରେ ଏକ କ୍ୱଚିତ ଦେଖାଯାଉଥିବା ବିଶେଷକରି ବସନ୍ତ ଋତୁର ଚଢ଼େଇଟିକୁ ସମସ୍ତେ ବୁଝିଥାନ୍ତି। ତେବେ ଆମେ ଆଲୋଚନା କରୁଥିବା କୋଇଲି ବୈକୁଣ୍ଠଟି ମହାପ୍ରଭୁଙ୍କ ଭାବାବେଗ ଓ ଲୀଳା ସହିତ ଜଡ଼ିତ। ପୁରାଣ ଓ ଶାସ୍ତ୍ରରେ ଉଲ୍ଲେଖ ରହିଛି ଏହାର ମୂଳ ଭାବାର୍ଥ ହେଉଛି ଇନ୍ଦ୍ରିୟ ତ୍ୟାଗପୂର୍ବକ ଆତ୍ମାର କେବଳତ୍ୱ। ଯେଉଁଥିରେ ଶରୀରକୁ ଆଧାର କରି ରହିଥିବା ଇନ୍ଦ୍ରିୟମାନେ ଆଉ ରହନ୍ତି ନାହିଁ। ଅଜର ଓ ଅମର ଭାବରେ ଆତ୍ମା ହିଁ ରହିଥାଏ। ଏହା ନବକଳେବର ମଧ୍ୟ ଦେଖିବାକୁ ମିଳିଥାଏ। ସ୍ପଷ୍ଟ ଭାବେ କହିବାକୁଗଲେ ନବକଳେବରର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଓ ଭୂମିକା ରହିଥିବା ଅଂଶଟି ହେଉଛି ଏହି କୈବଲ୍ୟ ବୈକୁଣ୍ଠରେ ଯାହାର ଲୋକପ୍ରିୟ ପରିଭାଷା ହେଉଛି କୋଇଲି ବୈକୁଣ୍ଠ।

ବାସ୍ତବରେ କୋଇଲି ହେଉଛି କୈବଲ୍ୟ ଶବ୍ଦର ଅପଭ୍ରଂଶ। ଆଉ ବୈକୁଣ୍ଠର ଅର୍ଥ ବିଷ୍ଣୁଙ୍କର ଅବସ୍ଥାନ କ୍ଷେତ୍ର। ଶ୍ରୀକ୍ଷେତ୍ର ବା ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମର୍ତ୍ତ୍ୟଲୋକରେ ଭଗବାନ ବିଷ୍ଣୁଙ୍କ ଅବସ୍ଥାନ କ୍ଷେତ୍ର। ଏଣୁ ଏହାର ନାମ ମର୍ତ୍ତ୍ୟ ବୈକୁଣ୍ଠ। ଶ୍ରୀକ୍ଷେତ୍ର ବା ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରକୁ ନେଇ ଗଢ଼ି ଉଠିଛି ନବ ବୈକୁଣ୍ଠର ଭାବଧାରା। ଏହା ଗଢ଼ି ଉଠିଛି ଶ୍ରୀମନ୍ଦିର ଓ ସ୍ୱର୍ଗଦ୍ୱାରକୁ ନେଇ। ଶ୍ରୀମନ୍ଦିରର ରତ୍ନସିଂହାସନ ବା ଅନ୍ତର୍ବେଦୀ - ଯେଉଁଠି ଶ୍ରୀଜଗନ୍ନାଥ ବିରାଜମାନ କରନ୍ତି, ତାହା ନୀଳାଦ୍ରୀ ବୈକୁଣ୍ଠ ଭାବରେ ଖ୍ୟାତ। ଏହାର ଅନ୍ୟନାମ ନୀଳକନ୍ଦର।

ଶ୍ରୀମନ୍ଦିରର ମୁଖ୍ୟଦ୍ୱାର ହେଉଛି ସିଂହଦ୍ୱାର। କାରଣ ଶ୍ରୀମନ୍ଦିରର ରତ୍ନସିଂହାସନରେ ଶ୍ରୀଜଗନ୍ନାଥ ପୂର୍ବାଭିମୁଖ ହୋଇ ଅବସ୍ଥାନ କରିଛନ୍ତି। ଏହି ପୂର୍ବଦ୍ୱାରରେ ବିରାଜମାନ କରୁଛନ୍ତି ଶ୍ରୀପତିତପାବନ। ସିଂହଦ୍ୱାର ଗୁମୁଟର ଉତ୍ତରପାର୍ଶ୍ୱରେ ପୂର୍ବାଭିମୁଖ ହୋଇ ସେ ଅବସ୍ଥାନ କରୁଛନ୍ତି। ଏଣୁ ଏହା ପୂର୍ବ ବୈକୁଣ୍ଠ ଭାବରେ କଥିତ।

ଶ୍ରୀମନ୍ଦିରରେ ବୈକୁଣ୍ଠ ଭାବଧାରାର ଆଉ ଗୋଟିଏ ପରିପ୍ରକାଶ ହେଉଛି ଲୀଳା ବୈକୁଣ୍ଠ। ଶ୍ରୀମନ୍ଦିରର ଜଗମୋହନ ଓ ମାଜଣା ମଣ୍ଡପ ହେଉଛି ଅର୍ଚ୍ଚା ବିଗ୍ରହ ବା ଚଳନ୍ତି ପ୍ରତିମା ମାନଙ୍କର ଉପାସନା ସ୍ଥଳୀ। ଏଣୁ ଏହା ଲୀଳା ବୈକୁଣ୍ଠ ଭାବରେ ଲୋକପ୍ରିୟ। ଏହା ବ୍ୟତୀତ ଶ୍ରୀମନ୍ଦିର ପରିସର ବାହାରେ ଅଛି ଆଉ ଏକ ବୈକୁଣ୍ଠ। ଏହା ହେଉଛି ମହୋଦଧି ତଟର ସ୍ୱର୍ଗଦ୍ୱାର। ଏହା ସର୍ବମୋକ୍ଷ ସ୍ଥଳ ବା ମୁକ୍ତିଦ୍ୱାର ରୂପେ କଥିତ। ମୃତ୍ୟୁପରେ ମର ଶରୀରକୁ ଏଠାରେ ଦାହ କଲେ ଆତ୍ମା ମୁକ୍ତି ବା ମୋକ୍ଷ ପାଇଥାଏ ବୋଲି ବିଶ୍ୱାସ ରହିଛି। ନବବୈକୁଣ୍ଠ ଭାବଧାରାରେ ଏହା ହେଉଛି ଅମର ବୈକୁଣ୍ଠ। ଏହି ଅଷ୍ଟବୈକୁଣ୍ଠ ପରେ ଅନ୍ୟ ଏକ ବୈକୁଣ୍ଠ ହେଉଛି କୈବଲ୍ୟ ବୈକୁଣ୍ଠ ବା ଲୋକପ୍ରିୟ ପରିଭାଷାର କୋଇଲି ବୈକୁଣ୍ଠ। ଏହି କୈବଲ୍ୟ ବୈକୁଣ୍ଠ ହେଉଛି ଶ୍ରୀମନ୍ଦିରର ଉତ୍ତର-ପଶ୍ଚିମ ଭାଗରେ ଥିବା ଲୀଳାସ୍ଥଳୀ ଯେଉଁଠାରେ ଶ୍ରୀବିଗ୍ରହମାନଙ୍କର ନିର୍ମାଣ ଓ ପ୍ରତିଷ୍ଠା ଏବଂ ଘଟ ପରିବର୍ତ୍ତନ ପରେ ପୁରାତନ ବିଗ୍ରହମାନଙ୍କର ଭୂଗର୍ଭଶାୟନ କରାଯାଇଥାଏ।

**ଥାଇଲୋ, ଆଲିକଣ୍ଡା, ବାଲିକୁଦା,**
**ଜଗତସିଂହପୁର-୭୫୪୧୦୮,**
**ଦୂରଭାଷ : ୭୦୦୮୪୩୮୯୫୯**
E-mail : hrushikeshpuhan5@gmail.com


## ଏହି ସପ୍ତାହ, ସେହି ବର୍ଷ (ଜୁଲାଇ ୬-୧୨)

### ଏଇ ସପ୍ତାହ

ଜୁଲାଇ ୬, ୧୯୪୪-ସୁବାଷ ଚନ୍ଦ୍ର ବୋଷ ପ୍ରଥମ ଥର ଗାନ୍ଧିଜୀଙ୍କୁ 'ରାଷ୍ଟ୍ରପିତା' ବୋଲି ସମ୍ବୋଧନ କରିଥିଲେ।




ଜୁଲାଇ ୭, ୨୦୦୩- ନାସାର ଅପର୍ଚୁନିଟି ଅନ୍ତରୀକ୍ଷ ଯାନ ମଙ୍ଗଳ ଗ୍ରହ ପାଇଁ ଉଡ଼ାଣ ଭରିଥିଲା।




ଜୁଲାଇ ୮, ୧୬୯୩- ନ୍ୟୁୟର୍କରେ ପୋଲିସ୍ ଡ୍ରେସ୍‌କୁ ମଞ୍ଜୁରୀ ଦିଆଗଲା।




ଜୁଲାଇ ୯, ୧୮୭୫- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସ୍ଥାପନା ହୋଇଥିଲା।





ଜୁଲାଇ ୧୦, ୧୯୬୫- ଗ୍ୱାଲିଅରରେ ମହିଳାମାନଙ୍କ ପାଇଁ ପ୍ରଥମ ଏନ୍‌ସିସି କଲେଜର ସ୍ଥାପନା କରାଯାଇଥିଲା।



ଜୁଲାଇ ୧୧, ୨୦୦୪- ମୁମ୍ବାଇ ଉପନଗରରେ ସାତଟି ରେଳ ବୋମା ବିସ୍ଫୋରଣ ହୋଇଥିଲା।



ଜୁଲାଇ ୧୨, ୧୯୧୨- 'କ୍ୱିନ୍ ଏଲିଜାବେଥ୍' ଆମେରିକାରେ ପ୍ରଥମ ବିଦେଶୀ ଫିଲ୍ମ ଭାବରେ ପ୍ରଦର୍ଶିତ ହୋଇଥିଲା।



# ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟର ବେଶଃ ସୁନାବେଶ

ଉତ୍କଳର ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥ । ଅପୂର୍ବ ତାଙ୍କର ମାନବୀୟ ଲୀଳା । ପ୍ରତ୍ୟେକ ଲୀଳାର ଅନ୍ତରାଳେ ନିହିତ ଥାଏ ମଙ୍ଗଳ କାମନା । ସେଥିପାଇଁ ଦାରୁଦିଅଁଙ୍କ ନୀତିକାନ୍ତି, ଭୋଗ, ବେଶ ସବୁକିଛି ମହିମାମଣ୍ଡିତ । ବାର ମାସରେ ତେରପର୍ବ ପାଳିତ ହୋଇଥାଏ । ନମସ୍କାରଃ ପ୍ରିୟ ଭାନୁ ଅଳଙ୍କାର ପ୍ରିୟଃ ହରିଃ । ଭଗବାନ ବିଷ୍ଣୁ ହେଉଛନ୍ତି ଅଳଙ୍କାର ପ୍ରିୟ । ତହିଁରେ ପୁଷ୍ପାଳଙ୍କାର ଓ ରତ୍ନାଳଙ୍କାର । ଦୈନନ୍ଦିନ ରୀତିନୀତିରେ ମହାପ୍ରଭୁ ବିବିଧ ପୁଷ୍ପରେ ଅଳଙ୍କାର ସାଙ୍ଗକୁ ସାମାନ୍ୟ ରତ୍ନ ଅଳଙ୍କାର ଧାରଣ କରିଥାନ୍ତି । କିନ୍ତୁ କିଛି ବିଶେଷ ଦିବସରେ କେବଳ ରତ୍ନ ସ୍ୱର୍ଣ୍ଣ ଖଚିତ ଅଳଙ୍କାର ଲାଗି ହୋଇଥାଏ । ତନ୍ମଧ୍ୟରୁ ସୁନା ବେଶ ବା ବଡ଼ ତଡ଼ଉ ବେଶ, ବା ରାଜରାଜେଶ୍ୱର ବେଶ ଅନ୍ୟତମ ।



ଉତ୍କଳର ଗଜପତିମାନେ ଥିଲେ ପ୍ରବଳ ପରାକ୍ରମୀ । ସ୍ୱକୀୟ ପରାକ୍ରମରେ ସେମାନେ ଅନେକ ରାଜ୍ୟ ଜୟ କରି ବହୁ ଧନରତ୍ନ ଉତ୍କଳକୁ ନେଇ ଆସିଥିଲେ । ଗଜପତିଙ୍କ ପରମ ଆରାଧ୍ୟ ଦେବତା ହେଉଛନ୍ତି ଜଗନ୍ନାଥ । ଜଗନ୍ନାଥଙ୍କୁ ନିଜର ସର୍ବସ୍ୱ ମନେ କରି ନିଜକୁ ରାଉତ ଭାବେ ସମର୍ପଣ କରି ଆଣିଥିବା ରତ୍ନକୁ ମହାପ୍ରଭୁଙ୍କୁ ଅର୍ପଣ କରୁଥିଲେ । ମହାପ୍ରଭୁଙ୍କୁ ପ୍ରୀତ କରି ଆଶୀର୍ବାଦ ଲାଭ ନିମନ୍ତେ ଉତ୍କଳର ରାଜାମାନେ ଅନେକ ରତ୍ନାଳଙ୍କାର ଦାନ କରିଥିବା ମାଦଳାପାଞ୍ଜିରେ ଉଲ୍ଲେଖ ରହିଛି । ଅନଙ୍ଗଭୀମଙ୍କ ପ୍ରସଙ୍ଗରେ ତିନୋଟି ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅଳଙ୍କାର ପାଇଁ ସ୍ୱର୍ଣ୍ଣଦାନର ବିବରଣୀ ରହିଅଛି । 'ପ୍ରମେଶ୍ୱରଙ୍କ ତଡ଼ାଉମାନ ଖଟଣିଯୋଗାଡ଼ମାନଙ୍କୁ ମଧ କରି ଥୋକାଏ ସୁନା ରତନଦେବା ଏମନ୍ତ ଆମ୍ଭେ ବିଚାରିଅଛୁ । ପ୍ରମେଶ୍ୱରଙ୍କ ଅଳଙ୍କାରକୁ ସୁନା ୨ଲକ୍ଷ ପଚାଶ ହଜାର ମାଢ଼ (ଦ୍ୱିତୀୟ ପାଞ୍ଜିରେ) ଜଗନ୍ନାଥ ମହାପ୍ରଭୁଙ୍କ ଅଳଙ୍କାର ପାଇଁ ଦଶସହସ୍ର ସୁନିଆଁ ଦେଲେ ।' ଜୟବିଜୟ ଦ୍ୱାରସ୍ଥ କପିଳେନ୍ଦ୍ର ଦେବଙ୍କ ଏକ ଶିଳାଲେଖରେ ଶ୍ରୀମନ୍ଦିରକୁ ରତ୍ନତୋଡ଼ର, ଶ୍ରୀଭୁଜ ନିମନ୍ତେ ରତ୍ନ ଶଙ୍ଖଚକ୍ର, ରତ୍ନ ପଦକ, ରତ୍ନ ମୁକୁଟ, କାନଫୁଲ, ନାନା ନାଏକ ମୁଦି, କାଣିକସୂତା, ମର୍କତ ଯାଉଳି, ମର୍କତ ମୁକୁଟ, ପଦ ପଲ୍ଲବ, ନାନା ନାଏକ ବାହୁଟି, ହୀରା ମାଣିକ ବଳା, ଜାଲି ତୋଡ଼ର, କାନ୍ତି ଜରକବର, କଟି ମେଖଳା ଆଦି ଅର୍ପଣ କରିବା ବର୍ଣ୍ଣିତ ହୋଇଛି । ସେହି ଦ୍ୱାରରେ ଥିବା ପୁରୁଷୋତ୍ତମ ଦେବଙ୍କ ଏକ ଶିଳାଲେଖରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା ପାଇଁ କେତେକ ମୂଲ୍ୟବାନ ଦ୍ରବ୍ୟ ସମେତ ରତ୍ନ କାନଫୁଲ, ବାହୁଟି ଆଦି ଅର୍ପଣ କରିଥିବା ବର୍ଣ୍ଣିତ ହୋଇଛି । ଅତୀତରେ ବିଭିନ୍ନ ସମୟରେ ଆକ୍ରମଣକାରୀମାନେ ଶ୍ରୀମନ୍ଦିରକୁ ୧୮ଥର ଆକ୍ରମଣ କରି ନିଜ ଇଚ୍ଛା ମୁତାବକ ବହୁ ଦୁର୍ମୂଲ୍ୟ ଅଳଙ୍କାର ଲୁଟି ନେଇଛନ୍ତି । ତଥାପି ମହାପ୍ରଭୁଙ୍କ ରତ୍ନଭଣ୍ଡାରରେ ଅଳଙ୍କାରର ଅଭାବ ନାହିଁ ।

ଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ବେଶ ମଧ୍ୟରୁ ସୁନାବେଶ ବା ରାଜରାଜେଶ୍ୱର ବେଶ ଅତ୍ୟନ୍ତ ରମଣୀୟ ଓ ଦୁର୍ଲଭ । ଇଏ ଏକମାତ୍ର ବେଶ ଯେଉଁଥିରେ ମହାପ୍ରଭୁଙ୍କ ଐଶ୍ୱର୍ଯ୍ୟ ସାଙ୍ଗକୁ ପ୍ରାବଲ୍ୟ ଦୃଶ୍ୟମାନ ହୋଇଥାଏ । ଶ୍ରୀମନ୍ଦିରରେ ରତ୍ନ ସିଂହାସନ ଉପରେ ଶ୍ରୀବିଗ୍ରହ ମାନେ ବର୍ଷକୁ ଚାରି ଥର ସୁନାବେଶ ହୁଅନ୍ତି । ସେସବୁ ତିଥିଗୁଡ଼ିକ ହେଲା- କାର୍ତ୍ତିକ ପୂର୍ଣ୍ଣିମୀ, କୁମାର ପୂର୍ଣ୍ଣିମୀ, ଦୋଳ ପୂର୍ଣ୍ଣିମୀ ଓ ବିଜୟା ଦଶମୀ । ହେଲେ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନି ରଥ ଉପରେ ଶ୍ରୀଜିଉମାନଙ୍କ ମହଣ ମହଣ ସୁନାରେ ବିଭୂଷିତ ଦୁର୍ଲଭ ବେଶକୁ ଦର୍ଶନ କରି ଭକ୍ତ ଆତ୍ମତୃପ୍ତି ଅନୁଭବ କରେ । ଦେଉଳ ଭିତରେ ହେଉଥିବା ସୁନାବେଶକୁ ସବୁବର୍ଗର ଲୋକେ ଦେଖିପାରୁ ନଥିବାରୁ ରଥ ଉପରେ ସୁନାବେଶକୁ ସମସ୍ତେ ଦର୍ଶନ କରି କୃତାର୍ଥ ମଣନ୍ତି । ୧୪୬୦ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବ ଜୟଦୁର୍ଗାଙ୍କ କୃପାରୁ ସମଗ୍ର ଦାକ୍ଷିଣାତ୍ୟ ବିଜୟ କରି ୧୬ଟି ହାତୀରେ ବିପୁଳ ଧନରତ୍ନ ଲଦି ନିଜ ରାଜ୍ୟକୁ ଆଣିବା ସଙ୍ଗେ ସଙ୍ଗେ ସେ ସମସ୍ତ ଦ୍ରବ୍ୟକୁ ମହାପ୍ରଭୁଙ୍କୁ ଉତ୍ସର୍ଗ କରି ଦେଇଥିଲେ, ଯାହାକି ଆଜି ବି ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ଶିଳାଲେଖରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । ତା'ସହ ସେହି ଦିଗ୍‌ବିଜୟ ଲବ୍ଧ ସୁନା, ରୁପା, ହୀରା, ମୋତି ଓ ମାଣିକ୍ୟ ଭଳି ମୂଲ୍ୟବାନ ଅଳଙ୍କାରରେ ମହାପ୍ରଭୁମାନଙ୍କୁ ବିଭୂଷିତ କରିବାର କାମନା ମଧ ପୋଷଣ କରିଥିଲେ । ସେ ସମୟରେ ଅଳଙ୍କାର ଦାୟିତ୍ୱରେ ଥିବା ତଢ଼ଉ ରାଜଗୁରୁଙ୍କ ସହ ଏ ନେଇ ପରାମର୍ଶ ବି କରିଥିଲେ । ରାଜାଙ୍କର ଏ ଅନୁରୂପ ଆଗ୍ରହ ଦେଖି ରାଜଗୁରୁ, ଠାକୁରମାନଙ୍କ ସୁସଜ୍ଜିତ ସୁନାବେଶକୁ ଘୋଷଯାତ୍ରାର ଅନ୍ତିମ ପର୍ବ ତଥା ଦକ୍ଷିଣାଭିମୁଖୀ ଯାତ୍ରାର ଶେଷରେ ରଥ ଉପରେ ବଡ଼ ଏକାଦଶୀ ଦିନ ଅନୁଷ୍ଠିତ କରାଇବାକୁ ପରାମର୍ଶ ଦେଇଥିଲେ । ତେଣୁ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟରୁ ହିଁ ଆଜି ପର୍ଯ୍ୟନ୍ତ ଚାଲି ଆସୁଛି ଶ୍ରଦ୍ଧା ଓ ଆତ୍ମୀୟତାର ପର୍ବ ସୁନାବେଶ ।

ଶ୍ରୀଜୀଉମାନଙ୍କର ମଧ୍ୟାହ୍ନ ଧୂପ ଶେଷ ହେବା ପରେ, ପ୍ରାୟ ୨ଘଣ୍ଟା ସମୟ ବିନିମୟରେ ତିନିରଥ ଉପରେ ସୁନାବେଶ ଅନୁଷ୍ଠିତ ହୋଇଥାଏ । ଶ୍ରୀଜୀଉମାନେ ସୁନାବେଶରେ ପ୍ରାୟ ୬ଘଣ୍ଟା ପର୍ଯ୍ୟନ୍ତ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ଭିତରଛ ମହାପାତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ, ତଳିଛ ମହାପାତ୍ର ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ବାଡ଼ରେ ଓ ପୁଷ୍ପାଳକ ସେବାୟତ ଦେବୀ ସୁଭଦ୍ରାଙ୍କ ବାଡ଼ରେ ଶ୍ରୀବିଗ୍ରହମାନଙ୍କୁ ସୁନାବେଶରେ ସଜ୍ଜିତ କରିବାର ପରମ୍ପରା ରହିଛି । ବହୁବର୍ଷ ଧରି ରଥ ଉପରେ ସୁନାବେଶରେ ମହାପ୍ରଭୁଙ୍କୁ ୧୩୮ ପ୍ରକାର ରତ୍ନ ଖଚିତ ସ୍ୱର୍ଣ୍ଣାଳଙ୍କାର ଲାଗି ହେଉଥିଲା । ଏବେ ଏଥିରେ କିଛି ପରିବର୍ତ୍ତନ ହୋଇ ପ୍ରାୟ କୋଡ଼ିଏ ପ୍ରକାର ଅଳଙ୍କାର ଲାଗି ହେଉଛି ।

ବର୍ତ୍ତମାନ ପରିପ୍ରେକ୍ଷୀରେ ବଡ଼ଠାକୁର ବଳଭଦ୍ର ପରିଧାନ କରୁଥିବା ଅଳଙ୍କାର ଗୁଡ଼ିକ ହେଲା- ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣି, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ବାହାଡ଼ା ମାଳି, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବା କଣ୍ଠି, ବାଘନଖି ମାଳି, ସେବତି ମାଳି ଓ ତ୍ରିଖଣ୍ଡିକା କମରପଟି ଭଳି ୧୭ ପ୍ରକାର ଅଳଙ୍କାର ସହ ଆୟୁଧ- ହଳ ଓ ମୂଷଳ । ସେହିପରି ଦେବୀ ସୁଭଦ୍ରାଙ୍କ ଶ୍ରୀଅଙ୍ଗ ଶୋଭାମଣ୍ଡନ କରୁଥିବା ଆଭୂଷଣ ଗୁଡ଼ିକ ହେଲା- କିରୀଟ, ଓଡ଼ିଆଣି, କାନ ଚନ୍ଦ୍ର-ସୂର୍ଯ୍ୟ, ଘାଗଡ଼ା ମାଳି, କଦମ୍ବ ମାଳି, ତଗଡ଼ି ଓ ସେବତି ମାଳି । ଶ୍ରୀ ଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଦିବ୍ୟ ଅଳଙ୍କାର ସବୁ ହେଲା କିରୀଟ, ଶ୍ରୀଭୁଜ, ଶ୍ରୀପୟର, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ହରିଡ଼ା ମାଳି, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବା କଣ୍ଠି, ତାବିଜ ମାଳି, ସେବତି ମାଳି ଓ ତ୍ରିଖଣ୍ଡିକା କମରପଟି ଭଳି ୧୬ ପ୍ରକାର ଅଳଙ୍କାର ସହ ଆୟୁଧ ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ ।





ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ । ବଡ଼ଦାଣ୍ଡରେ ବଡ଼ଦେଉଳ, ଦେଉଳ ଭିତରେ ଆମ ବଡ଼ ଠାକୁର, ବିଶ୍ୱବିଦିତ ଜଗତ୍‌କରତା, ଜଗତ୍‌ର ନାଥ ଶ୍ରୀଜଗନ୍ନାଥ । ମହାପ୍ରଭୁଙ୍କୁ ନେଇ ଜନମାନସରେ ଅନେକ ଜନଶ୍ରୁତି, ପ୍ରଥା, ପରମ୍ପରା, କିମ୍ବଦନ୍ତୀ, କଥା-କାହାଣୀ । ଠିକ୍ ସେହିପରି ତାଙ୍କୁ ନେଇ ବଡ଼ ଦେଉଳରେ ଅନେକ ରୀତିନୀତି, ମହୋତ୍ସବ ଓ ପର୍ବପର୍ବାଣି । ବର୍ଷ ତମାମ ତାଙ୍କ ଅପୂର୍ବ ବେଶଭୂଷା ଓ ସାଜସଜ୍ଜା, ଯହିଁରୁ ସୁନାବେଶ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ବହନ କରିବା ସହ ଗଜପତି ମାନଙ୍କ ଶୌର୍ଯ୍ୟ ବୀର୍ଯ୍ୟ ଓ ଗାମ୍ଭିର୍ଯ୍ୟର ସ୍ମାରକୀ ରୂପେ ପ୍ରତୀୟମାନ ହୋଇ ଆସୁଛି ।

**ବୈଷ୍ଣବ ଚରଣ ଦାଶ**
**ବୀରଧନଞ୍ଜୟପୁର, ଶାସନ**
**ବୁଗୁଡ଼ା, ଗଞ୍ଜାମ**
**ମୋ-୯୭୭୬୫୩୪୯୩୦**

# ରଥ...ପଥ...ଜଗନ୍ନାଥ

ସୁଚରିତା ମହାନ୍ତି

**‘ନୀଳାଦ୍ରୌ ଶଙ୍ଖ ମଧ୍ୟେ ଶତଦଳ କମଳେ ରତ୍ନ ସିଂହାସନସ୍ଥଂ, ସର୍ବାଳଙ୍କାର ଯୁକ୍ତଂ ନବଘନ ରୁଚିରଂ ସଂଯୁତଂ ଚାଗ୍ରଜେନ, ଭଦ୍ରାୟାଂ ବାମଭାଗେ ରଥ ଚରଣ ଯୁତଂ ବ୍ରହ୍ମ ରୁଦ୍ରେନ୍ଦ୍ର ବଂଦ୍ୟମ୍, ଦେବାନାମ ସାରମେକଂ ସଜନ ପରିବୃତଂ ବ୍ରହ୍ମ ଦାରୁ ସ୍ମରାମି।’**



ପ୍ରତିବର୍ଷ ରଥାରୂଢ଼ ହୋଇ ପ୍ରଭୁ ସାରା ବିଶ୍ୱର ମଙ୍ଗଳ କଲ୍ୟାଣ କାମନାର୍ଥେ ଦର୍ଶନ ଦିଅନ୍ତି। ‘ରଥ’ ଏକ ପ୍ରାଚୀନ ଶବ୍ଦ। ଯାହାକୁ ପୂର୍ବରୁ ଦେବତାମାନେ ବ୍ୟବହାର କରୁଥିଲେ। ଏହି ରଥ ମଙ୍ଗଳକାରୀ ହୋଇଥିବାରୁ ସେଥିରେ ଦେବତା ଏବଂ ରାଜାମାନେ ବ୍ୟବହାର କରୁଥିଲେ। ବିଶେଷ ଭାବେ ରାମାୟଣ ଓ ମହାଭାରତରେ ରଥର ବ୍ୟବହାର ହେଇଥିବାର ଜଣାଯାଏ।

‘ଆତ୍ମନଂ ରଥନଂ ବିଦ୍ଧି ଶରୀର ରଥ ମେବତୁ
ବୁଦ୍ଧିନ୍ତୁଂ ସାରଥୀ ବିଦ୍ଧି ମନଃ ପ୍ରଗହ ମେବତ।’

କଠୋପନିଷଦରେ ଏହା ଉଲ୍ଲେଖ ଅଛି। ଏଥିରେ ଶରୀରକୁ ରଥ ସହିତ ତୁଳନା କରାଯାଇଛି। ସୂର୍ଯ୍ୟଙ୍କର, ଇନ୍ଦ୍ରଙ୍କର ଏବଂ କୃଷ୍ଣଙ୍କର ରଥ ଥିବାର ମଧ୍ୟ ବହୁ ପ୍ରାଚୀନ ଶାସ୍ତ୍ରରେ ଉଲ୍ଲେଖ ଅଛି। ଭାରତବର୍ଷରେ ଯେତେ ପୁରାତନ ମନ୍ଦିର ଅଛି ସେସବୁ ମନ୍ଦିର ଗାତ୍ରରେ ଅନେକ ପ୍ରକାରର ରଥର ଚିତ୍ରକଳା ଦେଖାଯାଏ। ତେଣୁ ରଥଯାତ୍ରାର ବିଶେଷତ୍ୱ ସମ୍ପୂର୍ଣ୍ଣ ନିଆରା। ମହାପ୍ରଭୁଙ୍କର ବିଚିତ୍ର ଲୀଳା ବର୍ଣ୍ଣିତ ଅଛି ବିଭିନ୍ନ ଶାସ୍ତ୍ରମାନଙ୍କରେ। ଗୀତା ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି-ଯେପରି ମନୁଷ୍ୟ ନିଜର ଜୀର୍ଣ୍ଣ ବସ୍ତ୍ରକୁ ପରିତ୍ୟାଗ କରି ନୂତନ ବସ୍ତ୍ର ଗ୍ରହଣ କରନ୍ତି, ସେମିତି ଆତ୍ମା ପୁରୁଣା ଶରୀର ତ୍ୟାଗକରି ଅନ୍ୟ ମାତୃଗର୍ଭରେ ନୂତନ ଶରୀର ଧାରଣ କରିଥାଏ। ମହାପ୍ରଭୁଙ୍କ ଦାରୁଦେହ ଜରାଜୀର୍ଣ୍ଣ ହେଲେ ତାଙ୍କର ଅନ୍ୟ ଦାରୁରେ ପରମାତ୍ମାରୂପୀ ବ୍ରହ୍ମଙ୍କୁ ଅବସ୍ଥାନ କରି ନବକଳେବର ରୂପେ ସ୍ଥାପନ କରାଯାଇଥାଏ। ଅକ୍ଷୟ ତୃତୀୟା ଠାରୁ ରଥ କାର୍ଯ୍ୟ ଆରମ୍ଭ କରାହୁଏ। ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେଉଥିବା ବିଶ୍ୱନିୟନ୍ତା ମହାପ୍ରଭୁ ବଳଭଦ୍ର,ମା’ ସୁଭଦ୍ରା, କାଳିଆ ସାଆନ୍ତ ମହାପ୍ରଭୁ ଜଗନ୍ନାଥଙ୍କ ସହିତ ପ୍ରଭୁ ସୁଦର୍ଶନଙ୍କ ନବଦିନାତ୍ମକ ଯାତ୍ରା ଅତ୍ୟନ୍ତ ଭକ୍ତିମୟ ପରିବେଶରେ ପାଳନ କରାଯାଇଥାଏ। ଏହାକୁ ଘୋଷଯାତ୍ରା ବା ଗୁଣ୍ଡିଚା ଯାତ୍ରା ମଧ୍ୟ କୁହାଯାଏ। ରଥ ନିର୍ମାଣରେ ତିନୋଟି ରଥରେ ଲାଗି ହୋଇଥିବା ସମସ୍ତ କାଠ ଅଶ୍ୱ ଇତ୍ୟାଦିରେ ଭିନ୍ନତା ଅଛି। ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି, କାହାଳୀ, ନାମ ସଂକୀର୍ତ୍ତନର ଗଗନ ପବନ ପ୍ରକମ୍ପିତ ହୋଇ ଉଠେ। ବିଶ୍ୱକବି ରବିନ୍ଦ୍ରନାଥ ଠାକୁରଙ୍କ କଣ୍ଠରୁ ସେଦିନ ଝରି ଆସିଥିଲା, ‘ରଥ ବୋଲେ ଆମି ଦେବ ପଥ ବୋଲେ ଆମି, ମୂର୍ତ୍ତି ବୋଲେ ଆମି ଦେବ ହାଁ ସେ ଅନ୍ତର୍ଯ୍ୟାମୀ।’

ତିନୋଟି ରଥର ଚକ ସଂଖ୍ୟା ୪୨ ଗୋଟି। ତାଳଧ୍ୱଜ ରଥର ୧୪, ନନ୍ଦିଘୋଷ ରଥର ୧୬ ଏବଂ ଦର୍ପଦଳନ ରଥର ୧୨ ଚକ ମିଶି ୪୨ ଚକ। ଶ୍ରୀଗୁଣ୍ଡିଚା ଯାତ୍ରାଦିନ ତିନିଟି ରଥ ଯିବ ଅର୍ଥାତ୍ ୪୨ଟି ଚକ ଯିବ ପୁଣି ନବଦିନାତ୍ମକ ଯାତ୍ରା ସାରି ବାହୁଡ଼ା ଦିନ ସେଇ ୪୨ ଚକ ବାହୁଡ଼ି ଆସିବ। ତାହାକୁ ମିଶାଇ ୮୪ ଚକ ହେବ। ଏହାର ଅର୍ଥ ଏହି ରଥଯାତ୍ରାରେ ୮୪ ଚକ ଗଡୁଥିବାର ଯେ ମନୁଷ୍ୟ ଦେଖିଥାଏ ତାକୁ ୮୪ ଲକ୍ଷ ଯୋନି ଜନ୍ମରୁ ମୁକ୍ତି ମିଳିଥାଏ ବୋଲି ଉଲ୍ଲେଖ ଅଛି। ତିନୋଟି ରଥରେ ସାରଥୀମାନେ-ହରିଦ୍ରାବର୍ଣ୍ଣ, କୃଷ୍ଣବର୍ଣ୍ଣ ଓ ସବୁଜବର୍ଣ୍ଣର ପୋଷାକ ପରିଧାନ କରି ରଥ ଚଳାଇ ଥାନ୍ତି। ମହାପ୍ରଭୁ ଶ୍ରୀବଳଭଦ୍ରଙ୍କ ରଥରେ ୭୬୩ ଖଣ୍ଡ କାଠ ବ୍ୟବହାର ହୋଇଥାଏ। ରଥର ନାମ ତାଳଧ୍ୱଜ। ଏହାର ଉଚ୍ଚତା ୩୨ ହାତ ୧୦ ଅଙ୍ଗୁଳି।ଏହି ରଥକୁ ସବୁଜ ଓ ଲାଲ ରଙ୍ଗର କନାରେ ଆବରଣ କରାଯାଇଥାଏ।ଶଂଖ,ଅଙ୍ଗଦ,ସୁଚିତ,ମେଘନାଦ ଏହି ୪ ଟି କୃଷ୍ଣ ବର୍ଣ୍ଣର ଘୋଡ଼ା ଯୋଚା ଯାଏ। ଶ୍ରଦ୍ଧା ଓ ବିଶ୍ୱାସ ଓଲଟ ସୁଆର ନାମ। ରଥରେ ଦେବତା ରୂପେ ବ୍ରହ୍ମା ଓ ମହେଶ୍ୱର ବିରାଜମାନ କରନ୍ତି, ଧ୍ୱଜାରନାମ ଉନ୍ନନି ତାଳଧ୍ୱଜ ରଥର ପାର୍ଶ୍ୱ ଦେବତାମାନେ ହେଲେ-ନୃସିଂହ, ବଳରାମ, ନଟବର, ଗଣେଶ, ବାଇଶଭୁଜ, ପ୍ରଳମ୍ବାରୀ, ମହାଦେବ, ମଧୁକୈଟଭ, ଷଡ଼ାନନ ଓ କାର୍ତ୍ତିକେଶ୍ୱର। ଶିରରେ ଅନନ୍ତନାଗ ବିରାଜମାନ କରନ୍ତି। ଏହି ରଥରେ ଅଧିଶ୍ୱରୀ ଦେବୀ ରୂପେ ମା’ ନବଦୁର୍ଗାଙ୍କୁ ସ୍ଥାପନା କରାଯାଇଥାଏ। ସାରଥୀ ମାତଳୀ, ରଥର ରକ୍ଷକ ଭାବେ ଭାସ୍କର ଓ ବାସୁଦେବ ରଥରେ ବିରାଜମାନ କରନ୍ତି। କୋଟି ଓଡ଼ିଆଙ୍କ ମଉଡ଼ମଣି ଶ୍ରୀଜଗନ୍ନାଥଙ୍କର ରଥର ନାମ ନନ୍ଦିଘୋଷ। ଏହାର ଉଚ୍ଚତା ୩୩ ହାତ ୫ ଆଙ୍ଗୁଳି। ୮୩୨ ଖଣ୍ଡ କାଠରେ ନିର୍ମିତ ୧୬ ଚକ ବିଶିଷ୍ଟ ରଥରେ ରକ୍ଷକ ହେଉଛନ୍ତି ଗରୁଡ଼। ତାଙ୍କ ଧ୍ୱଜାରେ ପବନ ପୁତ୍ର ହନୁମାନ ବିରାଜମାନ କରନ୍ତି। ରଥର ଆବରଣ ହେଉଛି ରୋହିତ ଓ ପିତବର୍ଣ୍ଣ। ତାଙ୍କର ଆୟୁଧ ହେଉଛି ଶଙ୍ଖ ଓ ଚକ୍ର, ରଥରେ ୯ଜଣ ପାର୍ଶ୍ୱ ଦେବତା ହେଲେ-ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ହନୁମାନ, ଗୋବର୍ଦ୍ଧନ, ନୃସିଂହ, ରାଘବ ଏବଂ ଚିନ୍ତାମଣି। ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ ଏହି ୪ଟି ଅଶ୍ୱ ଦ୍ୱାରା ରଥ ପରିଚାଳିତ ହେଇଥାଏ। ସେଥିରେ ଦାରୁକ ସାରଥି ରୂପେ ବିରାଜମାନ କରନ୍ତି। ରଥର ଦ୍ୱାର ପାଳ ହେଉଛନ୍ତି ଜୟ ଓ ବିଜୟ। କୁମ୍ଭର ନାମ ଅଟେ ହିରଣ୍ମୟ। ରଜ୍ଜୁର ନାମ ଶଙ୍ଖଚୂଡ଼। ଏହାର ନେତ୍ରର ନାମ ତ୍ରୈଲୋକ୍ୟ ମୋହିନୀ। ରଥର ନନ୍ଦୀମୁଖରେ ଥାନ୍ତି ଦେବୀ ଯୋଗମାୟା। ଏହାର ଚାରଣ ହେଉଛନ୍ତି ନଳ ଓ କୁବେର। ରଥର ଯକ୍ଷ ହେଉଛନ୍ତି ହର୍ଯ୍ୟକ୍ଷ, ଦେବଳ, ବ୍ୟାସ, ଶୁକ, ନାରଦ, ବଶିଷ୍ଠ, ବିଶ୍ୱାମିତ୍ର, ରୁଦ୍ର ଓ ପରାସର ଏହି ୮ଜଣ ଋଷି ପଟାରେ ଅବସ୍ଥାନ କରିଥାନ୍ତି। ଏହି ରଥର ଚକ୍ରର ନାମ ହେଉଛି-ପ୍ରଦଧା, ଜ୍ଞାନ, ରତି, ଅଣିମା, ବିଭୁତ, କେଳି, ସତ୍ୟ, ତୁରୀୟ, ଜାଗୃତି, ଧ୍ରୁ, ସୁସ୍ୱସ୍ତି, ଆସକ୍ତ, ପ୍ରେମ ଓ ବିଷ୍ଣୁସିଦ୍ଧ।

ଜଗତ କଲ୍ୟାଣୀ ମା’ ସୁଭଦ୍ରାଙ୍କର ରଥର ନାମ ହେଉଛି-ଦର୍ପଦଳନ। ଏହି ରଥରେ ୫୯୩ ଖଣ୍ଡ କାଠ ବ୍ୟବହାର ହୋଇଥାଏ। ଏହାର ଉଚ୍ଚତା ୩୧ ହାତ। ଏହି ରଥରେ ୧୨ଟି ଚକ ଲାଗିଥାଏ ଏବଂ ରଥକୁ କୃଷ୍ଣ ବର୍ଣ୍ଣର କନାରେ ଆବରଣ କରାଯାଇଥାଏ। ରୋଚିକା, ମୋଚିକା, ଜିତା, ଅପରାଜିତା ଏହି ୪ଟି ଗେରୁଆ ରଙ୍ଗର ଅଶ୍ୱ ରଥରେ ଯୋଚା ଯାଏ। ଉମା, ହରଚଣ୍ଡୀ, କାତ୍ୟାୟନୀ, ବିମଳା, ଚାମୁଣ୍ଡା, ଅଘୋରା, ଭଦ୍ରକାଳୀ, ବରାହୀ, ରାମଚଣ୍ଡୀ, ମଙ୍ଗଳା ଏହି ୧୦ ଦେବୀ ପାର୍ଶ୍ୱଦେବୀ ଭାବେ ରଥରେ ଥାଆନ୍ତି। ରଥରେ ଦୁଇଟି ଓଲଟ ଶୁଆ ସୁପର୍ଣ୍ଣ ଓ ଦ୍ୱାସୁପର୍ଣ୍ଣ ନାମରେ ଥାଆନ୍ତି। ରଥର ଦେବୀ ରୂପେ ଶ୍ରୀ ଓ ଭୂ ରହିଥାନ୍ତି। ଉଗ୍ରଚଣ୍ଡୀ ରଥରେ ରକ୍ଷୟତ୍ରୀ ଭାବେ ରହିଥାନ୍ତି। ସ୍ୱର୍ଣ୍ଣଚୂଡ଼ା ନାମରେ ୪ଟି ଦଉଡ଼ି ରଥରେ ଲଗାଯାଏ। ସାରା ବିଶ୍ୱରୁ ଭକ୍ତଙ୍କ ସୁଅ ଛୁଟେ। ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ ଘଟେ ଏଇ ଶ୍ରୀଗୁଣ୍ଡିଚା ଯାତ୍ରାରେ। ଭକ୍ତଙ୍କୁ କୋଳେଇ ନେବା ପାଇଁ,ଭକ୍ତମାନଙ୍କ ମନବାଞ୍ଛା ପୂରଣ କରିବା ପାଇଁ ସଂୟ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଦର୍ଶନ ଦିଅନ୍ତି।

ମହାବାହୁ ଭୁଜ ମେଲେଇ ସମସ୍ତ ଭକ୍ତଙ୍କର ଦୁଃଖ ଶୁଣିବାକୁ ଶ୍ରୀମନ୍ଦିର ଛାଡ଼ି ରତ୍ନ ସିଂହାସନରୁ ଓହ୍ଲାଇ ଆସନ୍ତି। ରଥ କହେ ମୁଁ ବଡ଼, ରଥ କହେ ମୁଁ ବଡ଼, ପଥ କହେ ମୁଁ ବଡ଼, ଭକ୍ତ କହେ ମୁଁ ବଡ଼ କାରଣ ସ୍ୱୟଂ ପତିତପାବନ ରଥ ଉପରେ ବିରାଜମାନ କରନ୍ତି, ବଡ଼ ଦାଣ୍ଡରେ ତିନିରଥ ଗଡ଼ି ଗଡ଼ି ଯାଉଥିବ, ମାଉସୀ ମା’ଙ୍କ ପାଖକୁ ଭକ୍ତମାନେ ଭିଡ଼ି ନେଇଯାଉଥିବେ କେଡ଼େ ଆନନ୍ଦ କେଡ଼େ ଉତ୍ସୁକତାର ସହିତ। ଓହୋ କି ଦିବ୍ୟ ଦର୍ଶନ। ମଣିଷ ଜନ୍ମରୁ ମୋକ୍ଷ ପ୍ରାପ୍ତି ପାଇଁ ଏଇ ବେଶ ଦେଖିବାକୁ ମଣିଷର ଯୋଡ଼ିକ ଆଖି ଅନେଇ ବସିଥାଏ। ଗୁହାରି କରେ ହେ ପ୍ରଭୁ ଥରୁଟିଏ ଏ ଅକିଞ୍ଚନକୁ ଦର୍ଶନ ଦିଅନ୍ତନି। କୋଟି ଜନ୍ମର ପାପନାଶ କରି ପ୍ରଭୁ ଆପଣଙ୍କ ଚରଣାବିନ୍ଦରେ ସ୍ଥାନ ଦିଅନ୍ତୁ। ହେ କୋଟି ବ୍ରହ୍ମାଣ୍ଡର ମାଲିକ! ଆପଣଙ୍କ ଆଜ୍ଞା ବିନା ସବୁ କିଛି ନିମିତ୍ତ ମାତ୍ର। କୃପାସିନ୍ଧୁ କୃପା କରନ୍ତୁ।

**‘ଦୋଳାରୁଢଂ ତୁ ଗୋବିନ୍ଦଂ ମଞ୍ଚସ୍ଥଂ ମଧୁସୂଦନମ୍
ରଥସ୍ଥଂ ବାମନ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ।‘**

ନନ୍ଦିଘୋଷରେ ମହାପ୍ରଭୁଙ୍କ ବାମନ ମୂର୍ତ୍ତି ବା ପରଂବ୍ରହ୍ମଙ୍କୁ ଦର୍ଶନ କଲେ ପୂର୍ବଜନ୍ମରୁ ମୁକ୍ତି ପାଇବା କଥା ଶାସ୍ତ୍ରରେ ଉଲ୍ଲେଖ ଅଛି। ମହାପ୍ରଭୁଙ୍କ ଲୀଳା ଯେଉଁଠି ଦେବତାମାନେ ବୁଝିପାରନ୍ତି ନାହିଁ ସେଠି ଛାର ମଣିଷ ବା କାହୁଁ ବୁଝି ପାରିବ। ଓଡ଼ିଆ ଜାତିର ଆରାଧ୍ୟ ଦେବତା, କୋଟି କୈବଲ୍ୟନାଥ, ଭକ୍ତ ଜନ ବାନ୍ଧବ କାଳିଆ ସାଆନ୍ତ ମହାପ୍ରଭୁ ବିପୁଳ ଭୁଜ ମେଲେଇ ଆଲିଙ୍ଗନ ମୁଦ୍ରାରେ ସକଳ ବିଶ୍ୱବାସୀଙ୍କର କଲ୍ୟାଣ ନିମନ୍ତେ ବଡ଼ ଦାଣ୍ଡକୁ ଓହ୍ଲାଇ ଆସନ୍ତି। ନିଜର ବଡ଼ ପଣକୁ ତୁଚ୍ଛ କରି ଆଦରି ନିଅନ୍ତି ଭକ୍ତର ସମର୍ପଣ ଭାବକୁ। ସମସ୍ତେ କହନ୍ତି, ପ୍ରଭୁଙ୍କର ପାଦ ନାହିଁ, କର୍ଣ୍ଣ ନାହିଁ, ହସ୍ତ ଅଛି ପାପୁଲି ନାହିଁ ସବୁ ନାହିଁ ମଧ୍ୟରେ ସେ ପୂର୍ଣ୍ଣବ୍ରହ୍ମ ହେଲେ କେମିତି। ସନ୍ଥକବି ତୁଳସୀ ଦାସ ସେଇ କଥା ଭାବି କହିଛନ୍ତି-**‘ବିନୁ ପଦ ଚଲଇ ଶୁନଇ ବିନୁ କାନା,
କର ବିନୁ କର୍ମ କରଇ ବିଧି ନାନା,
ଆନନ ରହିତ ସକଳ ରସ ଭୋଗୀ
ବିନ ବାଣୀ ବକ୍ତା ବଡ଼ ଯୋଗୀ।’**

ମାନବୀୟ ଲୀଳା କରନ୍ତି କେମିତି। ଠିକ୍ ଆମମାନଙ୍କ ପରି ନିତିଦିନ ତାଙ୍କର ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥାଏ। କୌଣସିଥିରେ ଊଣା ନଥାଏ। ବିଶ୍ୱଂ ଯସ୍ୟ ଶରୀରଂ ଯଂ ବିଶ୍ୱଂ ନ ବେଦ ଯ ବିଶ୍ୱସ୍ୟ ଶରୀରଂ ଯମୟତି,ସଯମୟତି ଅୟମେବ ସଃ ,ସ ଏବ ଅୟମ୍ ।ଜଗତ କର୍ତ୍ତା ଜଗତକୁ ସୃଷ୍ଟି କରି ସେ ସର୍ବତ୍ର ବିଦ୍ୟମାନ। ତେଣୁ ଜଗତ ଜଗନ୍ନାଥମୟ। ଜଗତ ବ୍ରହ୍ମମୟ। ଶାସ୍ତ୍ରାନୁସାରେ-

**ଜଳେ ବିଷ୍ଣୁଃ ସ୍ଥଳେ ବିଷ୍ଣୁଃ ବିଷ୍ଣୁଃ ପର୍ବତମସ୍ତକେ,
ଜ୍ୱାଳମାଳାକୁଳେ ବିଷ୍ଣୁଃ ସର୍ବଂ ବିଷ୍ଣୁମୟଂ ଜଗତ୍।**

ଦାରୁବ୍ରହ୍ମ ସ୍ୱୟଂ ଭଗବାନ ହେଲେ ମଧ୍ୟ ସେ ମନୁଷ୍ୟ ମାନଙ୍କ ପରି ଲୀଳା କରିଥାଆନ୍ତି। ତେଣୁ ମହାପ୍ରଭୁଙ୍କର ନବକଳେବର ହୋଇଥାଏ। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସେ ସମସ୍ତଙ୍କୁର ବିଶ୍ୱାସର ଠାକୁର। ଯିଏ ଯେଉଁଠାରେ ନିଜକୁ ସମର୍ପିତ କରି ଡାକିଲେ ସେ ଭକ୍ତର ମନକଥା ବୁଝିପାରନ୍ତି। ଭକ୍ତ ସାଲବେଗ, ଦାସିଆ ବାଉରୀ, ବଳରାମ ଦାସଙ୍କ ପରି ଅନେକ ତାଙ୍କ ଭକ୍ତି ଭାବରେ ଶ୍ରୀଜଗନ୍ନାଥଙ୍କୁ ବାନ୍ଧି ରଖିପାରି ଥିଲେ। ଏବେବି ଶ୍ରୀମନ୍ଦିରରେ ମା’କରମାବାଇଙ୍କର ଖିଚୁଡ଼ି ଭୋଗ ମହାପ୍ରଭୁଙ୍କ ପାଖରେ ଲାଗିହୁଏ। ଚାରିଧାମ ଭିତରେ ଶ୍ରୀକ୍ଷେତ୍ର ପୁରୀଧାମର ମାହାତ୍ମ୍ୟ ତା’ର ନିତି ନିୟମ ପରମ୍ପରା କେଉଁଥିରେ କମି ନଥାଏ। ସାରା ବିଶ୍ୱରେ ଜଗନ୍ନାଥଙ୍କର ମହିମା ଖ୍ୟାତ। ଶ୍ରୀଜଗନ୍ନାଥ ମହାପ୍ରଭୁ ଆର୍ଯ୍ୟ, ଅନାର୍ଯ୍ୟ, ଶୈବ, ଶାକ୍ତ, ଜୈନ, ବୈଷ୍ଣବ, ବୌଦ୍ଧ ସର୍ବଧର୍ମ ସମନ୍ୱୟର ଦେବତା। ଯଜ୍ଞବେଦୀରୁ ଓହ୍ଲାଇ ଆସନ୍ତି ମହାବେଦୀକୁ ଯିବା ଯାଏ। ତାହାରି ଭିତରେ ମାନବୀୟ ଲୀଳାରେ ସେ ସମସ୍ତଙ୍କୁ ଗୋଟିଏ ଡୋରୀରେ ବାନ୍ଧି ରଖନ୍ତି। ବସୁଧୈବ କୁଟୁମ୍ବକମ୍ ଡୋରୀରେ।

**ବାରିପଦା, ମୟୂରଭଞ୍ଜ**
**ମୋ-୮୯୧୭୫୭୧୨୦୨**

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

# ପାହାନ୍ତି ରାତିର ପାପ

ପାହାନ୍ତି ପହର ପୂଣ୍ୟର ଆଦିପର୍ବ, ତାହା ବି ପାପର ଶେଷସ୍ପର୍ଶ । କାହାପାଇଁ ପୂଣ୍ୟ ତ କାହା ପାଇଁ ପାପର ପ୍ରହର । ଏମିତି ଏକ କାହାଣୀକୁ ନେଇ ନାଟ୍ୟକାର ଜୀବନ ଜେନା ଓ ନିର୍ଦ୍ଦେଶକ ବିଜୟ ଦାସ ପ୍ରସ୍ତୁତ କରୁଛନ୍ତି ଯାତ୍ରା ସୁନ୍ଦରୀ ରାଜନନ୍ଦନୀ ପାଇଁ ଏକ ଦମଦାର ନାଟକ । ସବୁଠାରୁ ବଡ଼ କଥା ହେଲା, ଖଳନାୟକ ସଞ୍ଜୟ ଭୋଳଙ୍କୁ ବିଶେଷ ଭୂମିକାରେ ଏହି ନାଟକରେ ଦର୍ଶକ ଦେଖିବାକୁ ପାଇବେ । ଏଥର ସଞ୍ଜୟ ଭୋଳ ସନ୍ଧ୍ୟାରେ ନୁହେଁ ବରଂ ପାହାନ୍ତିରେ ନିଜ ପାପ-ପୂଣ୍ୟର ହିସାବ ଖୋଲିବେ । ଏହି ନାଟକରେ ଗୀତ ନିଜେ ବିଜୟ ଦାସ ଲେଖିଥିବାବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅମୃତାଂଶୁ । କାହାଣୀ, ସଂଳାପ ଓ ନାଟକର ପୃଷ୍ଠଭୂମି ସାମାଜିକ ରହିଥିବାବେଳେ ଦର୍ଶକ ଏକ ନୂଆ ସ୍ୱାଦର ନାଟକ ଦେଖିବାକୁ ପାଇବେ ବୋଲି କହିଛନ୍ତି ନିର୍ଦ୍ଦେଶକ । ଅନ୍ୟାନ୍ୟ ଭୂମିକାରେ ବୁଲୁ ବିଶ୍ୱାଳ, ରିନା, ଟୁନିଆ, ପହଲି, ମାମା, ରାଣୀ, କାର୍ତ୍ତିକ ପ୍ରମୁଖ ରହିଛନ୍ତି । ଇଂ.ସ୍ମୃତିରଞ୍ଜନ ପଲେଇ ରାଜନନ୍ଦିନୀକୁ ଏକ ଆଦର୍ଶ ଅପେରା ଭାବରେ ଗଢ଼ି ତୋଳିବାକୁ ସ୍ୱପ୍ନ ଦେଖିଥିବାବେଳେ କୌଣସି ଅଶ୍ଳୀଳତାକୁ ପ୍ରଶୟ ଦିଆଯିବ ନାହିଁ ବୋଲି କହିଛନ୍ତି ।





# ସକଳ ତୀର୍ଥରୁ ଯାତ୍ରା ଆରମ୍ଭ କରୁଛି ଇନ୍ଦ୍ରଭୁବନ

ଯାତ୍ରା ଇନ୍ଦ୍ରଭୁବନ ଏଥର ପ୍ରସ୍ତୁତ କରୁଛି ନାଟକ ସକଳ ତୀର୍ଥ ତୋ ଚରଣେ । ପ୍ରଯୋଜକ ଶ୍ରୀଯୁକ୍ତ ଭାସ୍କର ସ୍ୱାଇଁ ଓ ମୁଖ୍ୟ ପରିଚାଳକ ମନୋଜ ନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଯାତ୍ରା ଦର୍ଶକଙ୍କ ପାଇଁ ଭିନ୍ନ ସ୍ୱାଦର ନାଟକ ପ୍ରସ୍ତୁତ କରାଯାଇଛି । ସନ୍ତୋଷ ନାରାୟଣ ଦାସ ନାଟକ ରଚନା କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ସାରଦା ରଣା । ଗୀତ ଅରୁଣ ମନ୍ତ୍ରୀ ଲେଖିଥିବାବେଳେ ସଙ୍ଗୀତ ଦେଇଛନ୍ତି ଅମୃତାଂଶୁ ପଟ୍ଟନାୟକ ଓ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ମାଷ୍ଟର ବାପି । ଚଳିତବର୍ଷ ଇନ୍ଦ୍ରଭୁବନ ଦର୍ଶକଙ୍କୁ ମନୋରଞ୍ଜନଧର୍ମୀ ନାଟକ ଭେଟି ଦେବା ସହିତ ନାମୀଦାମୀ କଳାକାରଙ୍କୁ ନେଇ ଟିମ୍ ପ୍ରସ୍ତୁତ କରିଛି । ଚଳିତବର୍ଷ ଷ୍ଟାରକାଷ୍ଟରେ ରହିଛନ୍ତି, ବିନୋଦ-ବେବିନା, ସୁମନ୍ତ, ବିମଳ, ଗୁରୁ ପୃଷ୍ଟି, କଣ୍ଢେଇ, ନିରାକାର-ମାନୁ, ଦୀପା, ରତି-ପ୍ରମିଳା, ରଞ୍ଜନ, ପ୍ରକାଶ, ସତ୍ୟଜିତ, ଆକାଶ, କୃଷ୍ଣ, ରିତା, ଲିସା, ସାଗର । ନାଟକର ନୂଆ ପରୀକ୍ଷା ନିରୀକ୍ଷା କରିବା ସହ ଦର୍ଶକଙ୍କ ଦ୍ୱାରା କିଭଳି ଭାବରେ ଆଦୃତି ଲାଭ କରିପାରିବ, ପ୍ରଚେଷ୍ଟା କରାଯାଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି ।





ଆଶିକା

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com